# ସୋମବାର ସୁଦ୍ଧା ରିପୋର୍ଟ ଦେବାକୁ ନିର୍ଦ୍ଦେଶ

## ବିମାନବନ୍ଦର ବିକାଶ, ସୁରକ୍ଷା ନେଇ ଜିଲାପାଳଙ୍କ ସମୀକ୍ଷା

ମାଲକାନଗିରି,୨୦।୩(ସୁଚିତ୍ରା ଦାସ)

ମାଲକାନଗିରି ଜିଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ ମାଲକାନଗିରି ବିମାନବନ୍ଦରର ଅଗ୍ରଗତି କାର୍ଯ୍ୟ ଓ ସୁରକ୍ଷା ବ୍ୟବସ୍ଥାର ଶୁକ୍ରବାର ଅନୁଧ୍ୟାନ କରିଛନ୍ତି। ଏହି ସମୟରେ ବିମାନବନ୍ଦରର ବିଭିନ୍ନ ବୈଷୟିକ ଦିଗ ଓ ଯାତ୍ରୀଙ୍କ ସୁରକ୍ଷା ଉପରେ ଗୁରୁତ୍ୱ ଦିଆଯାଇଛି। ବୈଠକରେ ପୂର୍ତ୍ତ ବିଭାଗ ଓ ନଗର ଉନ୍ନୟନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ, ମାଲକାନଗିରି ଉପଜିଲାପାଳ ଉପସ୍ଥିତ ଥିଲେ। ବିମାନବନ୍ଦର ପରିସରରେ ଥିବା ବିଭିନ୍ନ ଭିତ୍ତିଭୂମି ସମସ୍ୟା ଓ ଏହାର ସମାଧାନ ନେଇ ଅଧିକାରୀମାନଙ୍କ ସହ ଜିଲାପାଳ ଆଲୋଚନା କରିଥିଲେ। ଜିଲାପାଳ ବିମାନବନ୍ଦର ସମ୍ବନ୍ଧୀୟ ଜମି ଓ ଅନ୍ୟାନ୍ୟ ଗଣନା କାର୍ଯ୍ୟ ଶେଷ କରି ସୋମବାର ସନ୍ଧ୍ୟା ସୁଦ୍ଧା ରିପୋର୍ଟ ଦାଖଲ କରିବାକୁ ତହସିଲ ଟିମ୍‌କୁ ନିର୍ଦ୍ଦେଶ ଦେଇଛନ୍ତି। ସୁରକ୍ଷା ଓ ପାଟ୍ରୋଲିଂ ବ୍ୟବସ୍ଥାକୁ କଡାକଡି କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ବିମାନବନ୍ଦରର ସୁରକ୍ଷା ପାଇଁ ଉପଲବ୍ଧ ପୋଲିସ ବାହିନୀ ଦ୍ୱାରା ଏକ ସ୍ୱତନ୍ତ୍ର ପାଟ୍ରୋଲିଂ ପ୍ଲାନ ପ୍ରସ୍ତୁତ କରାଯାଇଛି। ଏହାକୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରିବାକୁ ଉପଜିଲାପାଳ ଓ ଆଇଆଇଙ୍କୁ ଦାୟିତ୍ୱ ଦିଆଯାଇଛି। ବିମାନବନ୍ଦରରୁ ନିୟମିତ ବିମାନ ଚଳାଚଳ ପୂର୍ବରୁ ସମସ୍ତ ପ୍ରକାର ବାଧାବିଘ୍ନ ଦୂର କରିବାକୁ ପ୍ରଶାସନ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି।



ଜିଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ ମାଲକାନଗିରି ବିମାନବନ୍ଦରର ଅଗ୍ରଗତି କାର୍ଯ୍ୟ ଓ ସୁରକ୍ଷା ବ୍ୟବସ୍ଥା ଅନୁଧ୍ୟାନ କରୁଛନ୍ତି।

## ସଂକ୍ଷେପରେ

### ପ୍ରିତପଲ ଘରୋଇ ବସ୍ ମାଲିକ ସଂଘ ଆଇନ ଉପଦେଷ୍ଟା



ମାଲକାନଗିରି,୨୦।୩ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ଘରୋଇ ବସ୍ ମାଲିକ ସଂଘର ନୂତନ ଆଇନ ଉପଦେଷ୍ଟା ଭାବେ ଆଇନଜୀବୀ ତଥା ଜିଲା ବାର୍ ଆସୋସିଏଶନ ସଭାପତି ପ୍ରିତପଲ ସିଂଙ୍କୁ ବସ୍ ମାଲିକ ସଂଘ ଚୟନ କରିଛନ୍ତି। ଏହି ଉପଲକ୍ଷେ ସଂଘ ସଭାପତି ରାଜେଶ୍ୱରୀ ପ୍ରଧାନ, ସମ୍ପାଦକ ଅଶୋକ କୁମାର ରାଉତ, ଉପସଭାପତି ସପନ ଦତ, ସଂଘ ମୁଖ୍ୟ ଉପଦେଷ୍ଟା ଛବି ଦାସ ଉପସ୍ଥିତ ରହି ସଭାପତି ସିଂଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ। ଘରୋଇ ବସ୍ ମାଲିକ ସଂଘର ସମସ୍ତ କର୍ମକର୍ତ୍ତା ମାଲକାନଗିରି ଜିଲାପାଳଙ୍କୁ ସାକ୍ଷାତ କରି ସେମାନଙ୍କ ବିଭିନ୍ନ ସମସ୍ୟା ସମାଧାନ ନେଇ ଆଲୋଚନା କରିଥିଲେ।

### କାଳବୈଶାଖୀ ବର୍ଷା ଯୋଗୁ ଲିଭିଲା ଜଙ୍ଗଲ ନିଆଁ



ମାଲକାନଗିରି,୨୦।୩ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲାର ବିଭିନ୍ନ ବନାଞ୍ଚଳରେ ନିଆଁ ଲାଗୁଥିବା ବେଳେ ଏହାକୁ ଲିଭାଇବା ପାଇଁ ବନ ବିଭାଗ ଚେଷ୍ଟା ଜାରି ରଖିଛି। ମାଥିଲି ବନାଞ୍ଚଳ ଓ ବଣ୍ଡାଘାଟିର ଭୟଙ୍କର ନିଆଁ ଜଙ୍ଗଲରେ ଲାଗୁଥିବା ଦେଖିବାକୁ ମିଳିଛି। ତିନିଦିନ ଧରି ଅପରାହ୍ନରେ କାଳବୈଶାଖୀରେ ପ୍ରବଳ ବୃଷ୍ଟିପାତ ହେଉଥିବାରୁ ଲାଗିଥିବା ନିଆଁ ଲିଭିଯାଇଥିବା ଦେଖିବାକୁ ମିଳିଛି। ଆଗାମୀ କେତେଦିନ ଯାଏ ଜଙ୍ଗଲରେ ଆଦ୍ରତା ବୃଦ୍ଧି ଯୋଗୁ ନିଆଁ ଲାଗିବା ସମ୍ଭାବନା ନ ଥିବାରୁ ବନ ବିଭାଗ କର୍ମଚାରୀମାନେ ଆଶ୍ୱସ୍ତ ହୋଇଛନ୍ତି।

# କୃଷକ ଉତ୍ପାଦନ ସଙ୍ଗଠନ ସମ୍ମିଳନୀ

ମାଲକାନଗିରି, ୨୦।୩(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସଦର ମହକୁମା ଜିଲା କୃଷି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ କୃଷକ ଉତ୍ପାଦନ ସଙ୍ଗଠନର ଜିଲାସ୍ତରୀୟ ସମ୍ମିଳନୀ ଶୁକ୍ରବାର ଅନୁଷ୍ଠିତ ହୋଇଛି। ବୈଜ୍ଞାନିକ ସିଦ୍ଧାର୍ଥ କରଙ୍କ ଅଧ୍ୟକ୍ଷତାରେ ସହକାରୀ ଜିଲା କୃଷି ଅଧିକାରୀ ନିଳକଣ୍ଠ ମେହେର, ସହକାରୀ ମୃତ୍ତିକା କେମିଷ୍ଟ ମନସ୍ୱିନି ମହାପାତ୍ର, ବ୍ଲକ କୃଷି ଅଧିକାରୀ ଚନ୍ଦ୍ରଶେଖର ଭୁମିଆ, ବୈଜ୍ଞାନିକ ଡ. କାର୍ତ୍ତିକ ଚନ୍ଦ୍ର ଲେଙ୍କା ଓ ୭ ବ୍ଲକର କୃଷି ଅଧିକାରୀ ଅଂଶଗ୍ରହଣ କରିଥିଲେ। ସଙ୍ଗଠନ ଦ୍ୱାରା ଚାଷୀମାନଙ୍କୁ ସଦସ୍ୟ ମାଲିକାନାଧୀନ ଉତ୍ପାଦନ ସଙ୍ଗଠନ ଓ ଏଫ୍‌ପିସିରେ ସାମିଲ କରିବା ପ୍ରାଥମିକ ଉଦ୍ଦେଶ୍ୟ। ଦେଶର ଚାଷୀଙ୍କ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ଉତ୍ପାଦନ, ଉତ୍ପାଦକତା ଓ ଲାଭବୃଦ୍ଧି ସମ୍ବନ୍ଧରେ ତାଲିମ ପ୍ରଦାନ କରାଯାଇଥିଲା। ଚାଷୀମାନଙ୍କ ଆୟ ବୃଦ୍ଧି, ଉତ୍ପାଦିତ ସାମଗ୍ରୀକୁ ଏକତ୍ର କରି ମଧ୍ୟସ୍ଥିଙ୍କ ଭୂମିକାକୁ ହ୍ରାସ କରିବା ସହ ଉଚିତ ମୂଲ୍ୟ, ଶୃଙ୍ଖଳା ପରିଚାଳନା କରି ଚାଷୀମାନଙ୍କ ପାଇଁ ଉତ୍ତମ ଲାଭ ସୁନିଶ୍ଚିତ କରିବା, ଅର୍ଥନୀତିରେ ଉନ୍ନତି, ଚାଷୀମାନଙ୍କୁ ବହୁ ପରିମାଣରେ ବିହନ, ସାର, ଯନ୍ତ୍ରପାତି ସଂଗ୍ରହ କରିବାକୁ ଓ ବହୁ ପରିମାଣରେ ଉତ୍ପାଦିତ ସାମଗ୍ରୀ ବିକ୍ରୟ କରିବା ଅନୁମତି ଖର୍ଚ୍ଚ ହ୍ରାସ କରିବା, ନିଜସ୍ୱ ଯନ୍ତ୍ରପାତି ଭଡାରେ ପ୍ରଦାନ କରିବା, ବୈଷୟିକ ପରାମର୍ଶ ଓ ତାଲିମ ପ୍ରଦାନ କରିବା କୃଷିରେ ଲିଙ୍ଗଗତ ସମାନତା ବୃଦ୍ଧି କରିବା ନେଇ ଗୁରୁତ୍ୱ ଦିଆଯାଇଥିଲା।


କାର୍ଯ୍ୟକ୍ରମରେ ଅଧିକାରୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଉଛି ।

# ପ୍ରଶାସନିକ କାର୍ଯ୍ୟଦକ୍ଷତା ବୃଦ୍ଧି ପାଇଁ ହେବ ଏଆଇ ଟୁଲ ପ୍ରୟୋଗ

## ସ୍ୱତନ୍ତ୍ର ଦକ୍ଷତା ବିକାଶ କର୍ମଶାଳା

ମାଲକାନଗିରି, ୨୦।୩(ସୁଚିତ୍ରା ଦାସ)

ଆଧୁନିକ ବୈଷୟିକ ଜ୍ଞାନକୌଶଳର ବ୍ୟବହାର ଦ୍ୱାରା ପ୍ରଶାସନକୁ ଅଧିକ କ୍ରିୟାଶୀଳ, ସ୍ୱଚ୍ଛ ଓ ଲୋକାଭିମୁଖୀ କରିବାକୁ ମାଲକାନଗିରି ଜିଲା ପ୍ରଶାସନ ପକ୍ଷରୁ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଏଆଇ ଟୁଲ୍ ପ୍ରୟୋଗ ନେଇ ଦିନିକିଆ କର୍ମଶାଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ପ୍ରେରଣା ଓ ତତ୍ତ୍ୱାବଧାନରେ କୃତ୍ରିମ ବୁଦ୍ଧିମତା ସରକାରୀ ଦୈନନ୍ଦିନ କାର୍ଯ୍ୟକୁ ସହଜ ଓ ତ୍ରୁଟିଶୂନ୍ୟ କରିପାରିବା ନେଇ ଆଲୋଚନା କରାଯାଇଥିଲା। ଏଥିରେ ଅତିରିକ୍ତ ଜିଲାପାଳ ପ୍ରଶାସନ ସୋମନାଥ ପ୍ରଧାନ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦାଶରଥୀ ସରାବୁ ଓ ଉପଜିଲାପାଳ ଦୁର୍ଯ୍ୟୋଧନ ଭୋଇ ଉପସ୍ଥିତ ଥିଲେ। ଏଆଇ ପ୍ରୟୋଗ ଦ୍ୱାରା ଲୋକଙ୍କ ସମସ୍ୟା ଶୀଘ୍ର ସମାଧାନ ହୋଇପାରିବ ବୋଲି କହିଥିଲେ। ଓଡ଼ିଶା ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଭାଗ ବିଶେଷଜ୍ଞମାନେ ଅଧିକାରୀମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଭୁବନେଶ୍ୱର ଓକାକ କେନ୍ଦ୍ରର ସିନିୟର୍ ଡେଭଲପର ସମ୍ବିତ୍ ଶୁଭାଶିଷ ସାହୁ ଓ ଜୁନିଅର୍ ଡେଭଲପର ଭାବେଶ କୁମାର ମହାନ୍ତି ଏଆଇ ଟୁଲ୍ ବ୍ୟବହାରିକ ଦିଗ ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମକୁ ଜିଲା ଇ-ଗଭର୍ଣ୍ଣାନ୍ସ ମ୍ୟାନେଜର ଶୁଭାଷିଷ ପଟ୍ଟନାୟକ ପରିଚାଳନା କରିଥିଲେ। ଜିଲାର ପ୍ରଶାସନିକ ସେବା ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ସରକାରୀ ଫାଇଲ ପ୍ରସ୍ତୁତି, ତଥ୍ୟ ସଂଗ୍ରହ ଓ ବିଶ୍ଳେଷଣ ଯାଏ ଏଆଇର ବ୍ୟବହାର ଦ୍ୱାରା ସମୟ ବଞ୍ଚିବା ସହ କାମରେ ସଠିକତା ଆସିବ ବୋଲି ଜିଲାପାଳ କହିଛନ୍ତି। କର୍ମଶାଳାରେ ଜିଲାର ସମସ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଅଂଶଗ୍ରହଣ କରିଥିଲେ।


କର୍ମଶାଳାରେ ଉପସ୍ଥିତ ଜିଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ ଓ ଅନ୍ୟ ଅଧିକାରୀମାନେ।

## ଏମ୍‌ଜିଏନ୍‌ଆରଇଜିଏସ୍, ସମଗ୍ର ଶିକ୍ଷା ଜନଶୁଣାଣି ଶିବିର

କୁନ୍ଦୁରା,୨୦।୩(ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ବ୍ଲକସ୍ତରୀୟ ଏମ୍‌ଜିଏନ୍‌ଆରଇଜିଏସ୍ ଓ ସମଗ୍ର ଶିକ୍ଷା ସାମାଜିକ ସମୀକ୍ଷା ଶିବିର ଶୁକ୍ରବାର ନୁଷ୍ଠିତ ହୋଇଛି। ଅତିରିକ୍ତ ଜିଲାପାଳ ନରେଶ ଚନ୍ଦ୍ର ଶବର ଓ ଜିଲା ସାମାଜିକ ସମୀକ୍ଷକ ଅନିଲ କୁମାର ମହାରଣା ସମୀକ୍ଷା କରିଥିଲେ। ୧୬ ପଞ୍ଚାୟତରେ ଜବ କାର୍ଡ ହିତାଧିକାରୀଙ୍କ ତଥ୍ୟ ନେଇ ପିଇଓଙ୍କୁ ପଚାରିଥିଲେ। ବ୍ଲକ ଓ ପିଇଓମାନଙ୍କ ତଥ୍ୟ ମଧ୍ୟରେ ତାଳମେଳ ନ ରହିବା, ଅଧ୍ୟକ୍ଷା, ସରପଞ୍ଚ ଓ ସମିତିସଭ୍ୟଙ୍କ ନିକଟରେ ତଥ୍ୟ ନ ଥିବା ନେଇ ଅତିରିକ୍ତ ଜିଲାପାଳ ବିରକ୍ତି ପ୍ରକାଶ କରିଥିଲେ। ଶିବିରରେ ମୋଟ ୨୮ ଅଭିଯୋଗ ଶୁଣାଣି କରିଛନ୍ତି। ସମଗ୍ର ଶିକ୍ଷାର ସମୀକ୍ଷା କରିଥିଲେ। ବ୍ଲକର ୩୨ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟର ସାମାଜିକ ସମୀକ୍ଷା କରାଯାଇଥିଲା। ପ୍ରଧାନଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସ୍କୁଲଗୁଡ଼ିକର ସମସ୍ୟା ନେଇ ପଚାରି ବୁଝିଥିଲେ। ମଧ୍ୟାହ୍ନ ଭୋଜନ ରୋଷେଇ ସମୟରେ ଯୋଗାଇ ଦିଆଯାଇଥିବା ସ୍ୱତନ୍ତ୍ର କିଟ୍ ବ୍ୟବହାର କରିବାକୁ ପରାମର୍ଶ ଦେଇଥିଲେ। ସ୍କୁଲଗୁଡ଼ିକର ଭିତ୍ତିଭୂମି ସମସ୍ୟା ପାଇଁ ପଞ୍ଚାୟତ ଓ ବ୍ଲକରୁ ପ୍ରକଳ୍ପ ରଖି ସମାଧାନ କରିବାକୁ ପିଇଓମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଶିବିରରେ ବିଡିଓ ପି.ମନସ୍ୱିତା, ବ୍ଲକ ଅଧ୍ୟକ୍ଷା ବନିତା କାନ୍ଦଲିଆ, ଜିଲା ପରିଷଦ ଉପାଧ୍ୟକ୍ଷା ରାଧାବିନୋଦ ସାମନ୍ତରାୟ, ତହସିଲଦାର ବିନୋଦ କୁମାର ନାଏକ, ଜିଲା ପରିଷଦ ସଭ୍ୟା କନକଲତା ପେଣ୍ଟିଆ ପ୍ରମୁଖ ମଞ୍ଚାସୀନ ଥିଲେ। ଏପିଇଓ ଚିନ୍ତାମଣୀ ତାଣ୍ଡି, ବିଏସଏ କୈଳାଶ ଚନ୍ଦ୍ର କରଲିଆ ଉପସ୍ଥିତ ଥିଲେ। ଅନୁପସ୍ଥିତ ଥିବା ଅଧିକାରୀମାନଙ୍କୁ କାରଣ ଦର୍ଶାଅ ନୋଟିସ କରି କାର୍ଯ୍ୟାନୁଷ୍ଠାନ ନେବାକୁ ବିଡିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ପ୍ରବେଶିକା ପରୀକ୍ଷାରେ ୬ ଛାତ୍ରୀଛାତ୍ରଙ୍କ କୃତିତ୍ୱ

କୋରୁକୋଣ୍ଡା,୨୦।୩(ଶିବଦତ୍ତ ସାହୁ)

ଚଳିତ ଶିକ୍ଷାବର୍ଷରେ ଜବାହାର ନବୋଦୟ ବିଦ୍ୟାଳୟ ଓ କଳିଙ୍ଗ ମଡେଲ ଆବାସିକ ବିଦ୍ୟାଳୟରେ ଷଷ୍ଠ ଶେଣୀ ପ୍ରବେଶ ପାଇଁ ହୋଇଥିବା ପ୍ରବେଶିକା ପରୀକ୍ଷାରେ କୋରୁକୋଣ୍ଡା ବ୍ଲକ ସଦାଶିବପୁର ପ୍ରାଥମିକ ବିଦ୍ୟାଳୟର କୃତୀ ଛାତ୍ରୀଛାତ୍ରଙ୍କୁ ସ୍କୁଲ ପରିସରରେ ସମ୍ମାନିତ କରାଯାଇଛି। ପ୍ରଧାନଶିକ୍ଷକ ପ୍ରଭାତ କୁମାର ପରିଡ଼ା, ଆଞ୍ଚଳିକ ସାଧନ କର୍ମୀ ପ୍ରଦୀପ କମାର ମଲ୍ଲିକ ଓ ଗ୍ରାମବାସୀଙ୍କ ପ୍ରୟାସରେ ବୈଠକରେ କରାଯାଇଥିଲା। ଏଥିରେ କୃତୀ ଅବିନାଶ କ୍ରିସାନି, ରୁଦ୍ର ପ୍ରତାପ ଖରା, ବିକି କ୍ରିସାନି, ଦୀପଙ୍କର ଦାରା, ଡଲି ଲୁକୁର ଓ ଅବିନାଶ କ୍ରିସାନିଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସମସ୍ତ ଛାତ୍ରୀଛାତ୍ରଙ୍କୁ ଅତିଥି ଶୁଭେଚ୍ଛା ଜଣେଇବା ସହ ମାନପତ୍ର ଓ ଉପହାର ଦେଇ ସମ୍ବର୍ଦ୍ଧିତ କରିଥିଲେ।



ଅତିଥିଙ୍କ ସହ କୃତୀ ୬ ଛାତ୍ରୀଛାତ୍ର।

# ବିଶ୍ୱ ପଖାଳ ଦିବସ ପାଳିତ

ଚିତ୍ରକୋଣ୍ଡା,୨୦।୩(ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ପଞ୍ଚାୟତ ସମିତି ବଡପଦରରେ ବିଶ୍ୱ ପଖାଳ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ମାଲକାନଗିରି ଡିଗ୍ରୀ କଲେଜ ଅଧ୍ୟାପକ ଡ.ରଞ୍ଜନ କୁମାର ସ୍ୱାଇଁ, ଗୋଷ୍ଠୀ ଶିକ୍ଷାଧିକାରୀ ଗାୟତ୍ରୀ ଦେବୀ, ଚିତ୍ରକୋଣ୍ଡା ଡିଗ୍ରୀ କଲେଜ ଅଧ୍ୟକ୍ଷ ଚିନ୍ମୟ କୁମାର ବେହେରା, ବଡପଡ଼ା ଅଧ୍ୟକ୍ଷ ଗିରିଜା ଶଙ୍କର ପ୍ରଧାନ, ଅତିରିକ୍ତ ଶିକ୍ଷାଧିକାରୀ ରବୀନ୍ଦ୍ର କୁମାର ମହାରଣା, ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟାପକ ଦିଲିପ କୁମାର ଓଝା, ଶିକ୍ଷକ କଲ୍ୟାଣ ଶୁତ୍ରଧର ସଭା ପରିଚାଳନା କରିଥିଲେ। ଅତିଥିମାନେ ପଖାଳ ଦିବସ ନେଇ ଆଲୋଚନା କରିଥିଲେ। ଅତିଥି, ସମସ୍ତ ଶିକ୍ଷକ ଓ ଛାତ୍ରୀଛାତ୍ର ପଖାଳ ଖାଇଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ କଲେଜ କର୍ତ୍ତୃପକ୍ଷ ।

# ପଖାଳ ଖାଇଲେ ଯୁବଗୋଷ୍ଠୀ

ଏମ୍‌ଭି-୭୯, ୨୦।୩(ଆଶିଷ ବାଇନ)

ମାଲକାନଗିରି ଜିଲା କାଲିମେଲା ବ୍ଲକ ଏମ୍‌ଭି ୭୯ରେ ଯୁବଗୋଷ୍ଠୀ ପଖାଳ ଦିବସ ପାଳିଛନ୍ତି। ଯୁବଗୋଷ୍ଠୀ ପ୍ରତିବର୍ଷ ପଖାଳ ଦିବସ ପାଳୁଥିବା କହିଛନ୍ତି। ଜିଲାରେ ଅସହ୍ୟ ଖରା ଓ ଅଂଶୁଘାତ ଜନିତ ସମସ୍ୟାରୁ ନିଜକୁ ସୁରକ୍ଷିତ ରଖିବାକୁ ସମସ୍ତେ ପଖାଳ ଖାଉଛନ୍ତି। ଭାତରେ ପାଣି ଦେଇ ସେଥିରେ ଦହି, ଲେମ୍ବୁପତ୍ର, ସୋରିଷ ଲଙ୍କା ଛୁଙ୍କ କରି ପଖାଳ ପ୍ରସ୍ତୁତ କରାଯାଏ। ଏଥିସହ ବିଭିନ୍ନ ବ୍ୟଞ୍ଜନ ପ୍ରସ୍ତୁତ କରି ଶାଗଭଜା, ଆଚାର ସହ ପଖାଳ ଖାଇଥାନ୍ତି। ଏହି ଅବସରରେ ବରିଷ୍ଠ ଖବରଦାତା ସହ ଆୟୋଜକ ଆଶିଷ କୁମାର ବାଇନ ଓ ସଞ୍ଜୀବ ହାଲଦାର, ଅମିତ ମଣ୍ଡଳ, ରାକେଶ ମଣ୍ଡଳ ପ୍ରମୁଖ ପଖାଳ ଖାଇଥିଲେ। ଏହି ବର୍ଷା ରନ୍ଧନ ଗ୍ୟାସ ପାଇଁ ୫ ପ୍ରକାର ବ୍ୟଞ୍ଜନ କରିଥିଲେ।

# ବାଲି ବୋଝେଇ ଟ୍ରାକ୍ଟର ଜବତ ନେଇ ରାସ୍ତା ଅବରୋଧ

## କିଛି ଘଣ୍ଟା ମାଲକାନଗିରି-ଜୟପୁର ଯାତାୟାତ ଠପ୍

ଗୋବିନ୍ଦପାଲି,୨୦।୩(କାର୍ତ୍ତିକ ରଥ)

ମାଲକାନଗିରିରୁ ଜୟପୁର ଯାଉଥିବା ମୁଖ୍ୟ ଯାତାୟାତ ବ୍ୟବସ୍ଥା ପ୍ରଭାବିତ ହୋଇଛି। ଗୋବିନ୍ଦପାଲ୍ଲୀ ଦେଇ ଯାଇଥିବା ୩୨୬ନଂ ଜାତୀୟ ରାଜପଥରେ ଆବାସ ଯୋଜନାର ହିତାଧିକାରୀମାନେ ରାସ୍ତା ଅବରୋଧ କରିବାରୁ କିଛି ଘଣ୍ଟା ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ସୂଚନାନୁଯାୟୀ, ଗୁରୁବାର ଆବାସ ଯୋଜନାରେ ନିର୍ମାଣ ଘର ତିଆରି ପାଇଁ ନିଆଯାଉଥିବା ଏକ ବାଲି ବୋଝେଇ ଟ୍ରାକ୍ଟରକୁ କାଗଜପତ୍ର ନ ଥିବାରୁ ମାଥିଲି ପୋଲିସ ଜବତ କରି ଥାନାକୁ ନେଇଥିଲା। ଏହାକୁ ନେଇ ସ୍ଥାନୀୟ ଆବାସ ଗୃହ ହିତାଧିକାରୀମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଆବାସ ଯୋଜନାରେ ଘର ନିର୍ମାଣ ପାଇଁ ବାଲି ଆଣିବା ସମୟରେ ପୋଲିସ ଗାଡିକୁ ଅଟକାଇବାରୁ ଟ୍ରାକ୍ଟର ମାଲିକମାନେ ବାଲି ଆଣିବାକୁ ରାଜି ହେଉ ନଥିବା ସେମାନେ କହିଛନ୍ତି। ଏଥିଯୋଗୁ ଘର ତିଆରି କାର୍ଯ୍ୟରେ ତାଙ୍କର ବାଧା ସୃଷ୍ଟି ହେଉଛି। ଏହାର ପ୍ରତିବାଦ କରି ଗୋବିନ୍ଦପାଲ୍ଲୀ ସରପଞ୍ଚ ଶ୍ରୀନିବାସ ମୁଦୁଲିଙ୍କ ନେତୃତ୍ୱରେ ଅନେକ ହିତାଧିକାରୀ ଓ ଗ୍ରାମବାସୀ ଗୋବିନ୍ଦପାଲ୍ଲୀ ପୋଲିସ ଚେକପୋଷ୍ଟ ନିକଟ ଜାତୀୟ ରାଜପଥରେ ଧରଣାରେ ବସିଥିଲେ। ରାସ୍ତା ଅବରୋଧ ହେବାରୁ ୨ ପାର୍ଶ୍ୱରେ ଗାଡ଼ି ଲମ୍ବା ଲାଇନ୍‌ରେ ଅଟକି ରହିଥିଲା। ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ମାଲକାନଗିରି-ଜୟପୁର ମୁଖ୍ୟ ରାସ୍ତାରେ ଯାତାୟାତ ଠପ ହୋଇଥିଲା। ଆବାସ ଯୋଜନାରେ ଘର ନିର୍ମାଣ ପାଇଁ ଅଣାଯାଉଥିବା ବାଲି ଗାଡ଼ିକୁ ତୁରନ୍ତ ଛଡ଼ାଯାଉ ଓ ଆଗାମୀ ଦିନରେ ଏପରି କାର୍ଯ୍ୟାନୁଷ୍ଠାନ ନ ନେଇ ପ୍ରଶାସନ ପକ୍ଷରୁ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ପୋଲିସ ମିଳିତ ଭାବେ ଆବାସ ହିତାଧିକାରୀମାନଙ୍କ ପାଇଁ ଆବଶ୍ୟକ ପରିମାଣର ବାଲି ନିଶୁଳ୍କ ଯୋଗାଇବାକୁ ବ୍ୟବସ୍ଥା କଲେ ନିର୍ମାଣ କାମ ଆଗେଇ ପାରିବ ବୋଲି ବିକ୍ଷୋଭକାରୀ ଅନୁରୋଧ କରିଛନ୍ତି। ଘଟଣାସ୍ଥଳକୁ ପୋଲିସ, ତହସିଲଦାର ଓ ପ୍ରଶାସନିକ ଅଧିକାରୀମାନେ ପହଞ୍ଚି ବିକ୍ଷୋଭକାରୀମାନଙ୍କ ସହ ଆଲୋଚନା କରିଥିଲେ। ଆଲୋଚନା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା।


ତହସିଲଦାର ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରୁଛନ୍ତି।

# ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଆଦେଶକୁ ଅବମାନନା ଅଭିଯୋଗ

## ପ୍ରଧାନଶିକ୍ଷକ ଦାୟିତ୍ୱକୁ ନେଇ ବିବାଦ

କାଲିମେଲା,୨୦।୩(ଜୀବନ କୃଷ୍ଣ ଦାସ)

ମାଲକାନଗିରି ଜିଲା କାଲିମେଲା ବ୍ଲକ ଭେଙ୍କଟପାଲମ ପଞ୍ଚାୟତ ଅନ୍ତର୍ଗତ ମାଙ୍ଗିପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଦାୟିତ୍ୱକୁ ନେଇ ବିବାଦ ଦେଖାଦେଇଛି। ଜଣେ ଜୁନିୟର ଶିକ୍ଷୟିତ୍ରୀ ଓ ଜଣେ ବରିଷ୍ଠ ଶିକ୍ଷକଙ୍କ ମଧ୍ୟରେ ଏହି ବିବାଦ ଦେଖା ଦେଇଛି। ପୂର୍ବରୁ ପ୍ରଭାତୀ ଶିକଦାର ମାଙ୍ଗିପଲ୍ଲୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସହକାରୀ ଶିକ୍ଷୟିତ୍ରୀ ଭି-ଏ ଗ୍ରେଡରେ ବିଦ୍ୟାଳୟରେ ନିଯୁକ୍ତ ପାଇଥିଲେ। ତାଙ୍କର ଯୁକ୍ତ ୨ ସିଟି ଭାବେ ଶିକ୍ଷାଗତ ଯୋଗ୍ୟତା ରହିଛି। ବିଦ୍ୟାଳୟରେ ଅନ୍ୟ କୌଣସି ସିନିୟର ଶିକ୍ଷକ ନ ଥିବାରୁ ସିକଦରଙ୍କୁ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଭାବେ ଦାୟିତ୍ୱ ଦିଆଯାଇଥିଲା। କିନ୍ତୁ ଜିଲା ପ୍ରଶାସନ ତଥା ଜିଲା ଶିକ୍ଷାଧିକାରୀଙ୍କ ଅନୁମୋଦନ କ୍ରମେ କାଲିମେଲା ଗୋଷ୍ଠୀ ଶିକ୍ଷାଧିକାରୀ ଚିଠି ନମ୍ବର -୪୬୦/୨୬ ଦିନାଙ୍କ ୦୯/୦୨/୨୦୨୬ରେ ଶିକ୍ଷକ ମନୋଜ କୁମାର ନାୟକଙ୍କୁ ମାନ୍ୟମକୋଣ୍ଡା ଅପଗ୍ରେଡ ଉଚ୍ଚ ବିଦ୍ୟାଳୟରୁ ବଦଳି କରି ମାଙ୍ଗିପଲ୍ଲୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନିଯୁକ୍ତି ଦେଇଥିଲେ। ପ୍ରଧାନଶିକ୍ଷକ ଦାୟିତ୍ୱ ହସ୍ତାନ୍ତର ପାଇଁ ପ୍ରଭାତୀ ଶିକଦାରଙ୍କୁ ଆଦେଶନାମା ଜାରି କରିଥିଲେ। ଏହି ଆଦେଶନାମାକୁ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଅବମାନନା କରିବା ସହ ନିର୍ଦ୍ଦେଶନାମାକୁ ବେଖାତିର କରି ଦାୟିତ୍ୱ ହସ୍ତାନ୍ତର କରିନ ଥିବା ଅଭିଯୋଗ ହୋଇଛି। ଘଟଣାର ୧ ମାସ ପରେ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରୁ ଉକ୍ତ ଶିକ୍ଷୟିତ୍ରୀଙ୍କୁ ୭୧୪/୨୬ ଦିନାଙ୍କ ୦୮/୦୩/୨୦୨୬ରେ କୈଫତ ତଲବ କରାଯାଇଛି। କୈଫତ ତଲବ ପରେ ମଧ୍ୟ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଆଦେଶନାମା ଅବମାନନା କରି ଅଦ୍ୟାବଧି ପ୍ରଧାନଶିକ୍ଷୟିତ୍ରୀ ଦାୟିତ୍ୱରେ ଥିବା ଅଭିଯୋଗ ହୋଇଛି। ଏଥିସହ ବିଦ୍ୟାଳୟ ୨ ଛାତ୍ରାବାସ ୨୨୦ ଛାତ୍ରୀଛାତ୍ରଙ୍କ ତଥା ବିଦ୍ୟାଳୟର ଅର୍ଥନୈତିକ ନେଣଦେଣ ବନ୍ଦ କରିବାକୁ ଗୋଷ୍ଠୀ ଶିକ୍ଷାଧିକାରୀ ବ୍ୟାଙ୍କରୁ ଟଙ୍କା ନ ଉଠାଇ ପାରିବା ପାଇଁ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀଙ୍କୁ ଜଣାଇଥିଲେ। କିନ୍ତୁ ପ୍ରଧାନଶିକ୍ଷୟିତ୍ରୀ ନିୟମକୁ ଅବମାନନା କରି ମନମୁଖୀ ଟଙ୍କା ଉଠାଇ ବିଦ୍ୟାଳୟର ସମସ୍ତ କାର୍ଯ୍ୟ ଚଳାଉଥିବା କୁହାଯାଇଛି। ଏ ସମ୍ପର୍କରେ ପୂର୍ବତନ ବିଧାୟକ ମୁକୁନ୍ଦ ସୋଡି ଜଣେ ଦକ୍ଷ ଓ ବରିଷ୍ଠ ଶିକ୍ଷକଙ୍କୁ ପ୍ରଧାନଶିକ୍ଷକ ଦାୟିତ୍ୱ ଦେବା ପାଇଁ ପ୍ରଶାସନକୁ ଅନୁରୋଧ କରିଥିଲୁ। ପ୍ରଶାସନ ମଧ୍ୟ ବରିଷ୍ଠ ଶିକ୍ଷକଙ୍କୁ ନିଯୁକ୍ତି ଦେଇଥିଲେ। କିନ୍ତୁ ପ୍ରଧାନଶିକ୍ଷୟିତ୍ରୀ ଦାୟିତ୍ୱ ଦେବାକୁ ରାଜି ନ ଥିବା କହିଛନ୍ତି। ଏଥିଯୋଗୁ ବିଦ୍ୟାଳୟରେ ଶିକ୍ଷା, ଆଇନ ଶୃଙ୍ଖଳା ବ୍ୟବସ୍ଥା ଭୁଶୁଡି ପଡ଼ିଥିବା କହିଛନ୍ତି। ପିଲାଙ୍କ ପଢ଼ାରେ ଅବନତି ଘଟୁଥିବା କହିଛନ୍ତି। ମଧ୍ୟାହ୍ନ ଭୋଜନ ଓ ହଷ୍ଟେଲରେ ଖାଦ୍ୟ ବ୍ୟବସ୍ଥା ନିମ୍ନମାନର ରହିଥିବା ସେ ଅଭିଯୋଗ କରିଛନ୍ତି। ଏ ନେଇ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ପ୍ରଭାତୀ ଶିକଦାରଙ୍କୁ ପଚାରିବାରୁ ବିଦ୍ୟାଳୟରେ ସବୁ ଠିକ ଠାକ ଚାଲିଛି। ଶିକ୍ଷାଧିକାରୀ ବିଦ୍ୟାଳୟ ଉପରେ ଅଯଥା ହସ୍ତକ୍ଷେପ କରି ବିଦ୍ୟାଳୟ ବ୍ୟବସ୍ଥାକୁ ନଷ୍ଟ କରୁଛନ୍ତି। ଦାୟିତ୍ୱ କାହିଁକି ଦେଉନାହାନ୍ତି ବୋଲି ପଚାରିବାରୁ ମୋର କିଛି କାଗଜପତ୍ର କାମ ବାକିଅଛି, କାଗଜପତ୍ର କାମ ସାରିଲେ ମୁଁ ଦାୟିତ୍ୱ ହସ୍ତାନ୍ତର କରିବି ବୋଲି ସେ କହିଛନ୍ତି। ଏ ବିଷୟରେ କାଲିମେଲା ଗୋଷ୍ଠୀ ଶିକ୍ଷାଧିକାରୀ ରମେଶ ବାରୋଇଙ୍କୁ ପଚାରିବାରୁ ଏହା ଉପରେ ହସ୍ତକ୍ଷେପ କରି ତୁରନ୍ତ ସମାଧାନ କରାଯିବ ବୋଲି ସେ କହିଛନ୍ତି।



## ସଂକ୍ଷେପରେ

### ଗୁଣପୁର ଆଡ୍‌ଭୋକେଟ କୃଷ୍ଣଚନ୍ଦ୍ରଙ୍କୁ ରାଜ୍ୟସ୍ତରୀୟ ସମ୍ମାନ



ଗୁଣପୁର,୨୦।୩ (ସଂକେତ ପାତ୍ର)

ଏନ୍‌ଡିପିଏସ୍ ମାମଲାକୁ ସଫଳ ଭାବେ ପରିଚାଳନା କରିଥିବାରୁ ଗୁଣପୁର କୋର୍ଟର ଆଡଭୋକେଟ କୃଷ୍ଣଚନ୍ଦ୍ର ସେନାପତିଙ୍କୁ ଶୁକ୍ରବାର ଭୁବନେଶ୍ୱରସ୍ଥିତ ପୋଲିସ ଭବନଠାରେ ଆୟୋଜିତ ଏକ ସଭାରେ ଓଡ଼ିଶା ପୋଲିସ ଡିଜି ପୁରସ୍କୃତ କରିଛନ୍ତି। ସେନାପତି ୧୯୯୪ରୁ ଆଡଭୋକେଟ ଭାବେ ଗୁଣପୁର କୋର୍ଟରେ କାର୍ଯ୍ୟ କରୁଛନ୍ତି। ଏନ୍‌ଡିପିଏସ୍ ମାମଲାଗୁଡ଼ିକୁ ସେ କୁଶଳତାର ସହିତ ପରିଚାଳନା କରି ନ୍ୟାୟ ପ୍ରଦାନରେ ମୂଲ୍ୟବାନ ଅବଦାନ ରଖିଥିବାରୁ ଡିଜି ପୋଲିସ ତାଙ୍କୁ ଏହି ସମ୍ମାନ ପ୍ରଦାନ କରିଥିଲେ। ଏହି ସମ୍ମାନ ପାଇବା ପରେ ସେ ଖୁସି ପ୍ରକାଶ କରି କହିଥିଲେ, ଆଗାମୀ ଦିନରେ ମଧ୍ୟ ସେ ନିଷ୍ଠା ଓ ପ୍ରତିବଦ୍ଧତା ସହ କାମ କରି ନ୍ୟାୟ ବ୍ୟବସ୍ଥାକୁ ଆହୁରି ଶକ୍ତିଶାଳୀ କରିବେ। ଫଟୋ–ଆଡଭୋକେଟ କୃଷ୍ଣଚନ୍ଦ୍ର ସେନାପତିଙ୍କୁ ସମ୍ମାନିତ କରାଯାଉଛି।

### ହୃଦ୍‌ଘାତରେ ଯନ୍ତ୍ରୀଙ୍କ ମୃତ୍ୟୁ

ଟିକିରି,୨୦।୩(ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡ଼ା ଜିଲା କାଶୀପୁର ବ୍ଲକ୍ ଟିକିରି ଥାନା ଦୋରାସାହି ଛକରେ ଥିବା ଏକ ଡର୍ମିଟୋରିରେ ରହୁଥିବା ଜଣେ ଯନ୍ତ୍ରୀଙ୍କ ହୃଦ୍‌ଘାତରେ ଶୁକ୍ରବାର ମୃତ୍ୟୁ ଘଟିଛି। ମୃତକ ହେଲେ ଶିବପ୍ରସାଦ ଓରାମ । ସେ କାଶୀପୁର ବ୍ଲକ୍‌ରେ ଯନ୍ତ୍ରୀ ଭାବେ ଗୋଟିଏ ଦିନ ପୂର୍ବରୁ ଚାକିରିରେ ଯୋଗଦେଇଥିଲେ । ଶିବ ଶୁକ୍ରବାର ତାଙ୍କ ଭାଇଙ୍କ ସହ କାଶୀପୁର ଯିବାପାଇଁ ବାହାରିଥିଲେ। ଟିକିରି ବସ୍‌ଷ୍ଟାଣ୍ଡ ନିକଟରେ ତାଙ୍କୁ ଝାଡ଼ା ଲାଗିବାରୁ ସେ ରହୁଥିବା ଡର୍ମିଟୋରିକୁ ଶୌଚ ହେବା ପାଇଁ ପାଇଖାନାକୁ ଯାଇ ଆଉ ବାହାରି ନ ଥିଲେ। ବହୁ ସମୟ ପରେ ତାଙ୍କ ଭାଇ ତାଙ୍କୁ ଉଦ୍ଧାରକରି ଉଷାପଡ଼ାସ୍ଥିତ ଉତ୍କଳ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଟିକିରି ଆଇଆଇସି ଦୀନକୃଷ୍ଣ ମିଶ୍ରଙ୍କ ସହ ପୋଲିସ ଟିମ୍ ପହଞ୍ଚି ମୃତଦେହ ଜବତକରି କାଶୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି । ଏ ନେଇ ଟିକିରି ଥାନାରେ କେସ୍ ନଂ ୩/୨୬ ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ପୋଲିସ ତଦନ୍ତ ଚଳାଇଛି।

### ୭ କୁଇଣ୍ଟାଲ ଗଞ୍ଜେଇ ଜବତ

ବାଲିଗୁଡ଼ା,୨୦।୩(ସଞ୍ଜୟ କୁମାର ପାଣିଗ୍ରାହୀ)

କନ୍ଧମାଳ ପୋଲିସ୍ ବାଲିଗୁଡ଼ା ଅଞ୍ଚଳରୁ ୭ କୁଇଣ୍ଟାଲ ଗଞ୍ଜେଇ ସହ ପିକ୍‌ଅପ୍ ଭ୍ୟାନ୍‌କୁ ଜବତ କରିଛି। ଗଞ୍ଜେଇ ଚୋରାଚାଲାଣ ହେଉଥିବା ପୋଲିସ ଖବରପାଇ ଯାଞ୍ଚ କଡ଼ାକଡ଼ି କରିଥିଲା। ଏକ ପିକ୍‌ଅପ୍ ଭ୍ୟାନ୍ ପୋଲିସକୁ ଦେଖି ଦ୍ରୁତଗତିରେ ଯାଉଥିବା ବେଳେ ପିଛା କରି ସୁଦ୍ରା ନିକଟରେ ଭ୍ୟାନ୍‌କୁ କାବୁ କରିଥିଲା। ଘଟଣାସ୍ଥଳରୁ ଚାଲାଣକାରୀ ଫେରାର୍ ହୋଇଯାଇଥିବା ବେଳେ ଗଞ୍ଜେଇ ସହ ପିକ୍‌ଅପ୍ ଭ୍ୟାନ୍‌କୁ ପୋଲିସ ଜବତ କରିଛି।

# ଏମ୍‌ଆଇ ଅଫିସ୍‌ରେ ତାଲା ପକାଇଲେ ଗ୍ରାମବାସୀ

## ଜମି ହରାଇଥିବା ଚାଷୀଙ୍କୁ କ୍ଷତିପୂରଣ ଦାବି

ରାୟଗଡ଼ା,୨୦।୩(ଆଶିଷ ରଞ୍ଜନ ପଣ୍ଡା)

ଜମି ହରାଇଥିବା ଚାଷୀଙ୍କୁ ତୁରନ୍ତ କ୍ଷତିପୂରଣ ଦାବିକରି ରାୟଗଡ଼ା ଜିଲା କୋଲନରା ବ୍ଲକ୍ ପୂଜାରୀଗୁଡ଼ା ଗ୍ରାମବାସୀ ଶୁକ୍ରବାର ରାୟଗଡ଼ା କ୍ଷୁଦ୍ର ଜଳସେଚନ ବିଭାଗ କାର୍ଯ୍ୟାଳୟରେ ତାଲା ପକାଇଥିଲେ। ପ୍ରାୟ ୩ ଘଣ୍ଟା ଧରି ଅଫିସରେ ତାଲା ପକାଇବା ସହ ଗ୍ରାମବାସୀ ଧାରଣାରେ ବସିଥିଲେ। କ୍ଷତିପୂରଣ ନ ମିଳିଲା ଯାଏଁ କାର୍ଯ୍ୟାଳୟ ଆଗରେ ଧାରଣା ଜାରି ରଖିବେ ବୋଲି ଗ୍ରାମବାସୀ ଜିଦ୍ ଧରି ବସିଥିଲେ । କାର୍ଯ୍ୟାଳୟରେ ତାଲା ପକାଇବା ଯୋଗୁ କର୍ମଚାରୀମାନେ ବାହାରେ ରହିଥିବା ଦେଖିବାକୁ ମିଳିଥିଲା। ଆଇନଶୃଙ୍ଖଳା



ରାୟଗଡା କ୍ଷୁଦ୍ର ଜଳସେଚନ ବିଭାଗ କାର୍ଯ୍ୟାଳୟରେ ତାଲା ପକାଯାଉଛି।



ଗ୍ରାମବାସୀ ଧାରଣାରେ ବସିଛନ୍ତି।

ପରିସ୍ଥିତିକୁ ଦୃଷ୍ଟିରେ ରଖି ଟାଉନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ବିଭାଗୀୟ ଅଧିକାରୀ ୩ ମାସ ମଧ୍ୟରେ ସମାଧାନ ନେଇ ଲିଖିତ ଭାବେ ଦେବା ପରେ ଅପରାହ୍ନ ୫ଟାରେ ଗ୍ରାମବାସୀ କାର୍ଯ୍ୟାଳୟର ତାଲା ଖୋଲିଥିବା ଜଣାପଡ଼ିଛି।

ସୂଚନା ମୁତାବକ, ରାୟଗଡ଼ା ଜିଲା କୋଲନରା ବ୍ଲକ୍‌ର ପୂଜାରୀଗୁଡା ଗ୍ରାମରେ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ଚାଷଜମିକୁ ପାଣି ଯିବା ପାଇଁ ଏକ ଚେକ୍‌ଡ୍ୟାମ ନିର୍ମାଣ କରାଯାଇଥିଲା। ତେବେ କେନାଲ ନିର୍ମାଣ ପାଇଁ ପ୍ରାୟ ୩୦ ଜଣ ଲୋକ ୫ ଏକର ୮ ସେଣ୍ଟ ଜମି ସରକାରଙ୍କୁ ଦେଇଥିଲେ। ତେବେ ଚୁକ୍ତି ଅନୁଯାୟୀ ଜମିହରାମାନେ କ୍ଷତିପୂରଣ ପାଇଥାନ୍ତେ। କିନ୍ତୁ ଦୀର୍ଘ ବର୍ଷ ବିତିଯାଇଥିଲେ ମଧ୍ୟ ଜମିହରାମାନେ ଆଜି ପର୍ଯ୍ୟନ୍ତ କ୍ଷତିପୂରଣ ପାଇ ନ ଥିବା ଅଭିଯୋଗ କରିଛନ୍ତି। ଏ ନେଇ ଜମିହରା ଲୋକେ ବିଭାଗୀୟ ଅଧିକାରୀଙ୍କ ସମେତ ଜିଲାପାଳଙ୍କୁ ସାକ୍ଷାତକରି କ୍ଷତିପୂରଣ ଦେବା ପାଇଁ ବାରମ୍ବାର ଦାବି କରିଥିଲେ। ତଥାପି କ୍ଷତିପୂରଣ ନ ମିଳିବାରୁ ଶୁକ୍ରବାର ପ୍ରାୟ ୩୦ ଜଣ ଜମିହରା ଲୋକେ ଅଫିସରେ ତାଲା ପକାଇବା ସହ ଧାରଣାରେ ବସିଥିଲେ। ତୁରନ୍ତ କ୍ଷତିପୂରଣ ନ ଦେଲା ଯାଏଁ ଆନ୍ଦୋଳନ ଜାରି ରହିବ ବୋଲି ଜମିହରାମାନେ କହିଛନ୍ତି। ଏ ନେଇ ବିଭାଗୀୟ ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ ।

# ମୁତ୍ୟାଲୁ ମା'ଙ୍କ ଚୈତ୍ରଯାତ୍ରା ପାଇଁ ଶୁଭଖୁଣ୍ଟି ସ୍ଥାପନ



ମୁତ୍ୟାଲୁ ମା'ଙ୍କ ମନ୍ଦିର ପରିସରରେ ଶୁଭଖୁଣ୍ଟି ସ୍ଥାପନ କରାଯାଉଛି।

ଗୁଣପୁର,୨୦।୩(ସୁଜାତା ପାଢ଼ୀ)

ଆସନ୍ତା ୩୧ରୁ ୨ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଶ୍ରୀ ଶ୍ରୀ ମୁତ୍ୟାଲୁ ମା'ଙ୍କ ଚୈତ୍ରଯାତ୍ରା ପାଇଁ ଶୁକ୍ରବାର ସ୍ଥାନୀୟ ମୋତିଲାଲନଗରସ୍ଥିତ ମା'ଙ୍କ ମନ୍ଦିର ପରିସରରେ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ଏଥିସହ ଯାତ୍ରା ପାଇଁ ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ ହୋଇଥିଲା। ମୁତ୍ୟାଲୁ ମା' ପୂଜା କମିଟି କର୍ମକର୍ତ୍ତାଙ୍କ ଉପସ୍ଥିତିରେ ପୂଜକ ବି. କିଶୋର ଏବଂ ଏମ୍. ରାଜାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୂଜାକାର୍ଯ୍ୟ କରାଯାଇଥିଲା। କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳରୁ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ। ପ୍ରକାଶ ଥାଉକି, ୩ ଦିନ ଧରି ହେବାକୁ ଥିବା ମା'ଙ୍କ ଏହି ଯାତ୍ରା କାର୍ଯ୍ୟକ୍ରମରେ ପ୍ରଥମ ଦିନ ଧ୍ୱଜାସ୍ଥାପନ, ଗଙ୍ଗାଧିବାସ ସହ ମଣ୍ଡଳପୂଜା, ହୋମାଗ୍ନି ସ୍ଥାପନ ସହ ବିଭିନ୍ନ କାର୍ଯ୍ୟକ୍ରମ ରହିବ। ଶେଷ ୨ଦିନ ସନ୍ଧ୍ୟାରେ ସ୍ଥାନୀୟ କଳାକାରଙ୍କୁ ନେଇ ମା'ଙ୍କ ମନ୍ଦିର ନିକଟସ୍ଥ ପଡ଼ିଆରେ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି ।

# ଭାଲିଡେଶନ ଆକ୍ଟକୁ ବିରୋଧ

## ମାର୍ଚ୍ଚ ୨୫କୁ କଳା ଦିବସ ଭାବେ ପାଳିବେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ

ଗୁଣପୁର,୨୦।୩( ସୁଜାତା ପାଢ଼ୀ/ସଂକେତ ପାତ୍ର)

ଓଡ଼ିଶା ସେବାନିବୃତ୍ତ କର୍ମଚାରୀ ଓ ଶିକ୍ଷକ ବିକାଶ ମଞ୍ଚ ଆନୁକୂଲ୍ୟରେ ଗୁଣପୁର କୋର୍ଟ ନିକଟ ତ୍ରିନାଥ ମନ୍ଦିର ପ୍ରାଙ୍ଗଣରେ ସଭାପତି ସୂର୍ଯ୍ୟନାରାୟଣ ରଥଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସମ୍ପାଦକ ଶ୍ୟାମସୁନ୍ଦର ଖାଡ଼ଙ୍ଗା ଯୋଗଦେଇ ସରକାରଙ୍କ ଦ୍ୱାରା ପାରିତ ଭାଲିଡେଶନ ଆକ୍ଟ –୨୦୨୫ର ଆଭିମୁଖ୍ୟ ଓ କଳା ଆଇନର କାର୍ଯ୍ୟକାରିତାକୁ ବିରୋଧ କରିଥିଲେ। ଏହିଆକ୍ଟ କର୍ମଚାରୀ ଓ ପେନ୍‌ସନ ଭୋଗୀଙ୍କ ଅଧିକାରକୁ କ୍ଷୁଣ୍ଣ ଓ ସଙ୍କୁଚିତ କରିବା ପାଇଁ ଏକ ଅଗଣତାନ୍ତ୍ରିକ ଚକ୍ରାନ୍ତ। ତେଣୁ କେନ୍ଦ୍ର ସରକାରଙ୍କ ଏହି ନିଷ୍ପତ୍ତିକୁ ବିରୋଧକରି ଅବସରପ୍ରାପ୍ତ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଆସନ୍ତା ମାର୍ଚ୍ଚ ୨୫ ତାରିଖରେ ଏହା ବିରୋଧରେ ନୀରବ ଶୋଭାଯାତ୍ରାରେ ଯାଇ ଗୁଣପୁର ଉପଜିଲାପାଳଙ୍କୁ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା ।

ସେହି କ୍ରମେ ସର୍ବଭାରତୀୟ ପେନ୍‌ସନର୍ସ ଫେଡେରେଶନର କାର୍ଯ୍ୟକାରୀ ବୈଠକ, ରାଜ୍ୟ ସେବା ନିବୃତ୍ତ କର୍ମଚାରୀ ଓ ଶିକ୍ଷକ ବିକାଶ ମଞ୍ଚର ଆହ୍ୱାନକ୍ରମେ ଚଳିତ ମାର୍ଚ୍ଚ ୨୫ ତାରିଖରେ କଳାବ୍ୟାଜ୍ ପରିଧାନକରି 'କଳା ଦିବସ' ପାଳନକରିବା ପାଇଁ ନେଇଥିବା ନିଷ୍ପତ୍ତିକୁ ସମସ୍ତେ ସମର୍ଥନ କରିଥିଲେ । ସେହିଦିନ ଗୁଣପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପୂର୍ବାହ୍ନ ୧୦ ଟାରୁ ୨ଟା ପର୍ଯ୍ୟନ୍ତ ଶାନ୍ତିପୂର୍ଣ୍ଣ ଗଣଧାରଣା ଦିଆଯିବ ବୋଲି ନିଷ୍ପତ୍ତି ନିଆଗଲା । ସଦସ୍ୟ ସୁରେଶ ଚନ୍ଦ୍ର ପାଢ଼ୀ ସ୍ୱାଗତ ଭାଷଣ ଦେଇଥିଲେ। ବୈଠକରେ ସଦସ୍ୟ ଗୋପୀନାଥ ପାଢ଼ୀ, ନୀଳମାଧବ ପାଢ଼ୀ, ରାଜେନ୍ଦ୍ର ନାୟକ, କୈଳାସ ଚନ୍ଦ୍ର ଦାସ, ବିଜୟ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ସଦସ୍ୟ ନାନୀ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।



ବୈଠକରେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର କର୍ମକର୍ତ୍ତା।

# ୧୨ଶହ ଲିଟର ରନ୍ଧାମଦ ଜବତ

ଗୁଣପୁର/ଗୁଡ଼ାରୀ,୨୦।୩
(ସଂକେତ ପାତ୍ର /ପ୍ରମୋଦ କୁମାର ପତି )

ଗୁଣପୁର ଅଞ୍ଚଳରେ ଅବକାରୀ ବିଭାଗ ପକ୍ଷରୁ ପୃଥକ୍ ପୃଥକ୍ ସ୍ଥାନରେ ଚଢାଉ କରାଯାଇ ବିପୁଳ ପରିମାଣର ପୋଚ ଓ ରନ୍ଧା ମଦ ଜବତ କରି ନଷ୍ଟ କରାଯାଇଛି। ଡେପୁଟି କଲେକ୍ଟର ସୁବ୍ରସ୍ମାତ ରାଉତ ଓ ଜନ ଭୁଆଁ ମାଜିଷ୍ଟ୍ରେଟ ଭାବେ ଉପସ୍ଥିତ ଥିଲେ। ଉପ ଅଧିକ୍ଷକ ସଞ୍ଜୀବ କୁମାର



ବାଲାଙ୍କ ନେତୃତ୍ୱରେ ଗୁଣପୁର ଅବକାରୀ ନିରୀକ୍ଷକ ବେଣୁଧର ସାମଲଙ୍କ ସହ ବିଷମକଟକ ଅବକାରୀ ଥାନା ଓ ଜିଲା ଭ୍ରାମ୍ୟମାଣ ଅବକାରୀ ଦଳର ଏକ ମିଳିତ ଟିମ୍ ଗୁଡାରି ଅଞ୍ଚଳର ଗୁମ୍ମା ଓ ସୁନାପାଲି ଗ୍ରାମରେ ଚଢାଉ କରିଥିଲେ। ଏହି ସମୟରେ ପ୍ରାୟ ୮ ହଜାର ଲିଟର ମହୁଲି ପୋଚ ଓ ୧୨ ଶହ ଲିଟର ରନ୍ଧା ମଦ ଜବତ କରି ନଷ୍ଟ କରିଥିଲା।ଏହି ଘଟଣାରେ ସଂପୃକ୍ତ ୪ ଅଭିଯୁକ୍ତ ଫେରାର ଥିବା ବେଳେ, ମଦ ତିଆରିରେ ବ୍ୟବହୃତ ବିଭିନ୍ନ ସାମଗ୍ରୀ ଜବତ କରାଯାଇଛି। ପୃଥକ ପୃଥକ ସ୍ଥାନରେ ୮ଟି ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ସହ ବେଆଇନ ମଦ ଭାଟିଗୁଡ଼ିକୁ ଭାଙ୍ଗି ନଷ୍ଟ କରାଯାଇଛି। ଆଗାମୀ ଦିନରେ ଏହି ଚଢ଼ାଉ ଜାରି ରହିବ ବୋଲି ଗୁଣୁପୁର ଅବକାରୀ ନିରୀକ୍ଷକ ବେଣୁଧର ସାମଲ କହିଛନ୍ତି ।

# ଏବିଭିପି ତରଫରୁ ବିଶ୍ୱ ପଖାଳ ଦିବସ




ଏବିଭିପି କର୍ମକର୍ତ୍ତା ପଖାଳ ଖାଉଛନ୍ତି ।

ଗୁଣପୁର,୨୦।୩ (ସୁଜାତା ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ନଗରର ଏବିଭିପି ନୂତନ ଏବଂ ପୁରାତନ କାର୍ଯ୍ୟକର୍ତ୍ତାଙ୍କ ପକ୍ଷରୁ ଶୁକ୍ରବାର ବିଶ୍ୱ ପଖାଳ ଦିବସ ପାଳିତ ହୋଇଛି । ଓଡ଼ିଆ ସଂସ୍କୃତି ଓ ପାରମ୍ପରିକ ଖାଦ୍ୟର ଅବିଚ୍ଛିନ୍ନ ଅଂଶ ପଖାଳ। ଏହା କେବଳ ଏକ ଖାଦ୍ୟ ନୁହେଁ, ବରଂ ଓଡ଼ିଆ ପରମ୍ପରା ଓ ଜୀବନଶୈଳୀର ଏକ ପରିଚୟ ବୋଲି କର୍ମକର୍ତ୍ତା କହିଛନ୍ତି। ଏହି ଅବସରରେ ଆୟୋଜିତ ବନ୍ଧୁମିଳନ କାର୍ଯ୍ୟକ୍ରମରେ ମଧ୍ୟାହ୍ନ ଭୋଜନରେ ପଖାଳ ସାଙ୍ଗକୁ ଶାଗ, ବଡ଼ିଚୂରା, ଆଳୁଭର୍ତ୍ତା ସହ ଘାଣ୍ଟ ତରକାରି ଭଳି ସୁସ୍ୱାଦୁ ଖାଦ୍ୟ ପରଷାଯାଇଥିଲା । ଏହି ପଖାଳ ଦିବସକୁ ବିଭାଗ ପ୍ରମୁଖ ଉମା ଦାଶ, ଜିଲା ପ୍ରମୁଖ ଶେଷଶାୟୀ ସେନାପତି, ବି. ସତୀଶ କୁମାର, ଦେବାଶିଷ ସେନାପତି, ପ୍ରିୟବ୍ରତ ରଥ, ସନ୍ଦୀପ ଆଶେ, କରଣ ଗୁରୁଜୀ, ପ୍ରଫୁଲ୍ଲ ଶତପଥୀ, ଇନ୍ଦ୍ରାକ୍ଷୀ ଦାଶଙ୍କ ତତ୍ତ୍ୱାବଧାନରେ ପାଳନ କରାଯାଇଛି । କାର୍ଯ୍ୟକ୍ରମରେ ଯୁବନେତା ରାମ ପଣ୍ଡା, ବିଷ୍ଣୁ ପଣ୍ଡା, ଦେବୀ ମିଶ୍ର ପ୍ରମୁଖ ଯୋଗଦେଇଥିଲେ ।

# ୨୦ ବଖରା ଜଳିଗଲା

ଆସିକା,୨୦।୩(ସୁରେନ୍ଦ୍ରନାଥ ସାହୁ)

ଗଞ୍ଜାମ ଜିଲା ସୋରଡ଼ା ଥାନା ଗୋଛା ପଞ୍ଚାୟତର ବଡଗୋଛା ଗ୍ରାମ ଦଳିତ ସାହିରେ ଶୁକ୍ରବାର ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ ୨୦ ବଖରା ଘର ଜଳିପୋଡି ପାଉଁଶ ହୋଇଯାଇଛି। ମଧ୍ୟାହ୍ନରେ ସାହିର ଲୋକମାନେ ଘରେ ଥିବା ବେଳେ କୌଣସି ଏକ ଘରୁ ନିଆଁ ଲାଗି ବ୍ୟାପୀ ଯାଇଥିଲା। ଲୋକେ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିବା ସହ ସୋରଡ଼ା ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି। ଅଗ୍ନିକାଣ୍ଡରେ ୨୦ଟି ଘରର ବହୁ ଆସବାବପତ୍ର ଗୋଟିଏ କାର ମଧ୍ୟ ପୋଡ଼ି ଯାଇଥିବା ସୂଚନା ମିଳିଛି।

# ପଖାଳ କେବଳ ଖାଦ୍ୟ ନୁହେଁ, ଓଡ଼ିଆ ଜୀବନଶୈଳୀର ଅଭିନ୍ନ ଅଙ୍ଗ

## ଜିଲା ପ୍ରଶାସନ, ପର୍ଯ୍ୟଟନ ବିଭାଗ ତରଫରୁ ପଖାଳ ଦିବସ

ରାୟଗଡା,୨୦।୩(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା ପ୍ରଶାସନ ଏବଂ ଜିଲା ପର୍ଯ୍ୟଟନ ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ଜିଲା ସଂସ୍କୃତି ଭବନ ପରିସରରେ ଶୁକ୍ରବାର ପଖାଳ ଦିବସ ଆୟୋଜିତ ହୋଇଯାଇଛି। ଏଥିରେ ଜିଲାପାଳ ଆଶୁତୋଷ କୁଲକର୍ଣ୍ଣି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଅତିରିକ୍ତ ଜିଲାପାଳ (ସାଧାରଣ) ନବୀନ ଚନ୍ଦ୍ର ନାୟକ, ଜିଲା ସମାଜ ମଙ୍ଗଳ ଅଧିକାରିଣୀ ମୀନତି ଦେଓ, ଜିଲା ସଂସ୍କୃତି ଅଧିକାରୀ ସୁସ୍ମିତା ବାଉରୀ ପ୍ରମୁଖ ଯୋଗଦେଇଥିଲେ। ପଖାଳ କେବଳ ଏକ ସ୍ୱାଦିଷ୍ଟ ଖାଦ୍ୟ ନୁହେଁ,ଏହା ଓଡ଼ିଆଙ୍କ ଜୀବନଶୈଳୀର ଏକ ଅଭିନ୍ନ ଅଙ୍ଗ ବୋଲି ଅତିଥିମାନେ କହିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ତଥା ଭାରପ୍ରାପ୍ତ ଜିଲା ପର୍ଯ୍ୟଟନ ଅଧିକାରୀ ବସନ୍ତ କୁମାର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ପଖାଳ କଂସା ସହିତ ବଡିଚୂରା, ବାଇଗଣ ଭର୍ତ୍ତା, ଆଳୁ ଭର୍ତ୍ତା, ଶାଗବଡ଼ି, ମାଛଭଜା, ଛୁଇଁ ଆଳୁ ଭଜା ଭଳି ସ୍ୱାଦିଷ୍ଟ ବ୍ୟଞ୍ଜନ ଖାଇବାର ବ୍ୟବସ୍ଥା କରାଯାଇଥିଲା। ଜିଲାପାଳ ଏବଂ ଜିଲାସ୍ତରୀୟ ଅଧିକାରୀମାନେ ଏକାଠି ବସି ପଖାଳ ଖାଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଭୁବନେଶ୍ୱରରୁ ଆଭାସି ମାଧ୍ୟମରେ ରାଜ୍ୟସ୍ତରୀୟ ପଖାଳ ପରବ କାର୍ଯ୍ୟକ୍ରମ ସିଧା ପ୍ରସାରଣ ଦେଖିବାର ବ୍ୟବସ୍ଥା କରାଯାଇଥିଲା ।




ଜିଲାପାଳ, ଜିଲାସ୍ତରୀୟ ଅଧିକାରୀମାନେ ପଖାଳ ଖାଉଛନ୍ତି।

# ସକାଳୁ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରାଯିବ

## ଜିଲାସ୍ତରୀୟ ଓଡ଼ିଶା ଦିବସ ପାଳନ ନେଇ ପ୍ରସ୍ତୁତି ବୈଠକ

ରାୟଗଡା,୨୦।୩(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲାସ୍ତରୀୟ ୯୧ତମ ଓଡିଶା ଦିବସ–୨୦୨୬ ପାଳନ ନିମନ୍ତେ ଅତିରିକ୍ତ ଜିଲାପାଳ ନବୀନ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଜିଲା ପରିଷଦ ସଦ୍‌ଭାବନା ସଭା ଗୃହଠାରେ ଶୁକ୍ରବାର ଅପରାହ୍ନରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଉପଜିଲାପାଳ ରମେଶ କୁମାର ଜେନା, ଜିଲା ସଂସ୍କୃତି ଅଧିକାରୀ ସୁସ୍ମିତା ବାଉରୀ, ସହରର ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦାନ କରି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଆସନ୍ତା ଏପ୍ରିଲ ୧ ତାରିଖ ସକାଳ ୫ଟାରେ ସହରରେ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ଡାକବାଜି ଯନ୍ତ୍ର ମାଧ୍ୟମରେ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରାଯିବ। ସକାଳ ୭ଟାରେ ସ୍ଥାନୀୟ ଗଜପତି ଛକଠାରେ ଅବସ୍ଥାପିତ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ପ୍ରତିମୂର୍ତ୍ତିରେ ସାମୂହିକ ମାଲ୍ୟାର୍ପଣ କରାଯିବ । ଏଥିରେ ମୁଖ୍ୟ ଅତିଥି, ସମସ୍ତ ମାନ୍ୟଗଣ୍ୟ ବ୍ୟକ୍ତି, ସର୍ବସାଧାରଣ, ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇ ଶୋଭାଯାତ୍ରାରେ ବାହାରିବେ। ସକାଳ ୮ଟାରେ ସ୍ଥାନୀୟ ଗାନ୍ଧୀ ପ୍ରମୋଦ ଉଦ୍ୟାନରେ ଥିବା ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ସାମୂହିକ ମାଲ୍ୟାର୍ପଣ ଓ ପୁଷ୍ପପୂଜା କରାଯିବ। ସକାଳ ୯ଟାରେ ସାଧାରଣ ସଭା ଓ ଜିଲା ସଂସ୍କୃତି ପରିଷଦ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ଓ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ସ୍ଥାନୀୟ ବିଜୁ ପଟ୍ଟନାୟକ ଅଡିଟୋରିୟମଠାରେ କରିବା ନିମନ୍ତେ ବୈଠକରେ ନିଷ୍ପତ୍ତି ନିଆଯାଇଛି । ଜିଲା ଶିକ୍ଷା ଅଧିକାରୀ ସମସ୍ତ ପ୍ରତିଯୋଗିତା ଆୟୋଜନ କରିବେ ବୋଲି ସ୍ଥିର କରାଯାଇଛି । ଚଳିତ ବର୍ଷ ମହିଳାଙ୍କ ମଧ୍ୟରେ ସ୍ୱତନ୍ତ୍ର ଭାବରେ ଝୋଟି ପ୍ରତିଯୋଗିତା ଆୟୋଜିତ ହେବ। ଏହାସହ ସମସ୍ତ ଅନୁଷ୍ଠାନ, ବାଣିଜ୍ୟକ ପ୍ରତିଷ୍ଠାନ ଓଡ଼ିଆରେ ନାମ ଲେଖିବାକୁ ପଦକ୍ଷେପ ନେବାକୁ ନିଷ୍ପତ୍ତି ନିଆଯାଇଛି । ସମସ୍ତ ସରକାରୀ ଓ ଘରୋଇ କୋଠାବାଡିରେ ଆଲୋକମାଳରେ ସୁସଜ୍ଜିତ କରିବା ନିମନ୍ତେ ନିଷ୍ପତ୍ତି ନିଆଯାଇଛି । ଶେଷରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।



ବୈଠକରେ ଅଧିକାରୀମାନେ ଆଲୋଚନା କରୁଛନ୍ତି।

## ସଂକ୍ଷେପରେ

### ବାଇକ୍ ଚୋରି ନେଇ ଥାନାରେ ଏତଲା

ଡାବୁଗାଁ, ୨୦।୩(ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ୍ ଅଧୀନ ତଳବେଢ଼ା ଗ୍ରାମର ଦଶମତ ମାଝିଙ୍କ ମୋଟରସାଇକେଲ ଚୋରି ହୋଇଥିବା ନେଇ ଗୁରୁବାର ରାତିରେ ଡାବୁଗାଁ ଥାନାରେ ଅଭିଯୋଗ ହୋଇଛି। ଦଶମତ ଗତ ୧୮ ତାରିଖ ରାତିରେ ଗ୍ରାମର ବଉଁଶୁ ମାଝିଙ୍କ ଘରକୁ ଏକ ବିବାହ ଭୋଜିରେ ଯୋଗଦେବାକୁ ଯାଇଥିଲେ। ତାଙ୍କ ଘର ଆଗରେ ଅନ୍ୟ ସବୁ ବାଇକ୍ ରହିଥିବା ସ୍ଥାନରେ ଦଶମତ ମଧ୍ୟ ତାଙ୍କ ବାଇକ୍ ନଂ. (ସିଜି ୧୭ କେ ୬୫୦୧) ସେଠାରେ ରଖି ଭୋଜି ଖାଇବାକୁ ଯାଇଥିଲେ। ଭୋଜି ଖାଇ ଆସିବା ପରେ ତାଙ୍କ ବାଇକ୍ ସେଠାରେ ନ ଥିବାରୁ ସେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ପାଇ ନ ଥିଲେ। ଶେଷରେ ଗୁରୁବାର ରାତିରେ ଏ ନେଇ ଡାବୁଗାଁ ଥାନାରେ ଏତଲା ଦେଇଥିଲେ। ଉକ୍ତ ଏତଲାକୁ ଭିତ୍ତିକରି ଥାନାରେ କେସ୍ ନଂ. ୫୮/୨୬ ରେ ଏକ ମାମଲା ରୁଜୁ କରାଯାଇଛି । ଏଏସ୍ଆଇ ଚନ୍ଦ୍ରଶେଖର ହଜାରୀ ଘଟଣାର ତଦନ୍ତ କରୁଛନ୍ତି ।

### ଏଏନ୍ଏମ୍ ନିଲମ୍ବିତ, ମାଟ୍ରନଙ୍କ ସମେତ ୫ ଶିକ୍ଷକଙ୍କ ବଦଳି

- ନବମ ଶ୍ରେଣୀ ଛାତ୍ରୀ ସନ୍ତାନ ଜନ୍ମ ଘଟଣା
- ପ୍ରଧାନଶିକ୍ଷକଙ୍କୁ ବଦଳି ପାଇଁ ସୁପାରିସ

ଫୁଲବାଣୀ,୨୦।୩(ରାକେଶ କୁମାର ରାଉତ)

କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ୍ ନେଡିପଦର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଜଣେ ଛାତ୍ରୀ ସନ୍ତାନ ଜନ୍ମ ଦେବା ଘଟଣାରେ ପ୍ରଶାସନ କଡ଼ା ପଦକ୍ଷେପ ଗ୍ରହଣ କରିଛି। ଏହି ଘଟଣାରେ କାର୍ଯ୍ୟରେ ଅବହେଳା ପାଇଁ ଏଏନ୍ଏମ୍ ତୃପ୍ତୀମୟୀ ପ୍ରଧାନ ନିଲମ୍ବିତ ହୋଇଛନ୍ତି। ଜଣେ ମାଟ୍ରନଙ୍କ ସମେତ ୫ ଜଣ ସହକାରୀ ସୁପରିଟେଣ୍ଡେଣ୍ଟ ଓ ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରାଯାଇଛି। ସେହିପରି ପ୍ରଧାନଶିକ୍ଷକଙ୍କୁ ବଦଳି କରାଯିବା ପାଇଁ ସରକାରଙ୍କୁ ଜିଲା ପ୍ରଶାସନ ପକ୍ଷରୁ ସୁପାରିଶ କରାଯାଇଛି। ଏନେଇ ଜିଲା ମଙ୍ଗଳ ଅଧିକାରୀ ରବିନାରାୟଣ ମିଶ୍ର କହିଛନ୍ତି ଯେ, ଏହି ଘଟଣା ଅତି ସମ୍ବେଦନଶୀଳ ଥିଲା। ଆମ ଘଟଣାର ତଦନ୍ତ ସବୁ ଦିଗକୁ ନେଇ ଆରମ୍ଭ କରିଥିଲୁ। ଏଏନ୍ଏମ୍ ତୃପ୍ତିମୟୀ କାର୍ଯ୍ୟରେ ସମ୍ପୂର୍ଣ୍ଣ ଅବହେଳା କରିଛନ୍ତି। ଦୀର୍ଘ ୭ ମାସ ଛାତ୍ରୀ ଜଣକ ହଷ୍ଟେଲରେ ରହିଥିଲେ। ପ୍ରତି ମାସରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଏ। କିନ୍ତୁ ସେ କହୁଛନ୍ତି ମୁଁ ଜାଣି ପାରିଲି ନାହିଁ। ଏହା ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟରେ ଅବହେଳା। ତେଣୁ ତାଙ୍କୁ ନିଲମ୍ବିତ କରାଯାଇଛି। ମାଟ୍ରନ ରଂଜିମା ପ୍ରଧାନଙ୍କୁ ଖଜୁରିପଡ଼ା ବ୍ଲକ ବିଲାବାଡି ଉଚ୍ଚ ବିଦ୍ୟାଳୟକୁ ବଦଳୀ କରାଯାଇଛି । ସେହିପରି ହଷ୍ଟେଲ ଦାୟିତ୍ୱରେ ଥିବା ୫ ଜଣ ସହକାରୀ ସୁପରିଟେଣ୍ଡେଣ୍ଟ ଓ ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରାଯାଇଛି। ପ୍ରଧାନ ଶିକ୍ଷକଙ୍କ ବଦଳି ପାଇଁ ଆମେ ସରକାରଙ୍କୁ ଚିଠି କରିଛୁ ବୋଲି ସେ କହିଛନ୍ତି । ସୂଚନାଯୋଗ୍ୟ, ଗୋଚ୍ଛାପଡ଼ା ଅଞ୍ଚଳର ଜଣେ ଛାତ୍ରୀ ଏହି ବିଦ୍ୟାଳୟର ହଷ୍ଟଲରେ ରହି ପାଠ ପଢୁଥିଲେ। ସେ ଗର୍ଭବତୀ ହେବା ଜଣାପଡ଼ିବା ପରେ ବିଦ୍ୟାଳୟ କର୍ତ୍ତୃପକ୍ଷ ଛାତ୍ରୀଙ୍କ ଘରକୁ ଖବର ଦେଇଥିଲେ। ସେମାନେ ଆସିବାରୁ ଛାତ୍ରୀଙ୍କୁ ଘରକୁ ପଠାଇ ଦେଇଥିଲେ। ହେଲେ ଛାତ୍ରୀ ଜଣକ ୭ ମାସ ଗର୍ଭବତୀ ହୋଇ ରହିବା ବିଷୟରେ ସ୍ୱାସ୍ଥ୍ୟ କର୍ମୀ, ମାଟ୍ରନ କି ବିଦ୍ୟାଳୟ କର୍ତ୍ତୃପକ୍ଷ, କେହି ଜାଣି ପାରିଲେ ନାହିଁ। ଗତ ୧ ତାରିଖ ଦିନ ଛାତ୍ରୀ ଜଣକ ତାଙ୍କ ଘରେ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ ।

# ଅପପୁଷ୍ଟି ରୋକିବାକୁ ମହିଳା, ଶିଶୁ କମିଶନରଙ୍କ ନିର୍ଦ୍ଦେଶ

### ରକ୍ତହୀନତା ସୂଚକାଙ୍କରେ ନବରଙ୍ଗପୁର ଜିଲା ଶୀର୍ଷରେ

ନବରଙ୍ଗପୁର,୨୦।୩(ସଦାଶିବ ପ୍ରହରାଜ)



କର୍ମଶାଳାରେ ମହିଳା ଓ ଶିଶୁ ବିକାଶ ବିଭାଗ କମିଶନର ଡ. ମୃଣାଳିନୀ ଦର୍ଶଓ୍ୱାଲଙ୍କ ସହ ଅନ୍ୟମାନେ।

ରକ୍ତହୀନତା ସୂଚକାଙ୍କରେ ନବରଙ୍ଗପୁର ଜିଲା ସାରା ଓଡ଼ିଶାରେ ଶୀର୍ଷ ସ୍ଥାନରେ ରହିଛି। ରକ୍ତହୀନତା ଗ୍ରାଫ୍‌ରେ ୬୨.୮୧ ପ୍ରତିଶତ ରହିଛି। ଜିଲାରେ ଅପପୁଷ୍ଟି ରୋକିବାକୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ବ୍ୟାପକ ଅର୍ଥ ଖର୍ଚ୍ଚ ହେଉଥିଲେ ମଧ୍ୟ ଏହାର କୌଣସି ସୁଫଳ ମିଳିପାରୁନାହିଁ ବୋଲି ଜିଲା ଗସ୍ତରେ ଆସିଥିବା ମହିଳା ଓ ଶିଶୁ ବିକାଶ ବିଭାଗ କମିଶନର ଡ. ମୃଣାଳିନୀ ଦର୍ଶଓ୍ୱାଲ କ୍ଷୋଭ ପ୍ରକାଶ କରିଛନ୍ତି। ତୃଣମୂଳସ୍ତରରେ କୌଣସି କାର୍ଯ୍ୟ ସଫଳତାର ସହିତ କରାଯାଉ ନ ଥିବା ସେ କହିଛନ୍ତି। ସ୍ଥାନୀୟ ମିଶନ ଶକ୍ତି ସମ୍ମିଳନୀ ଗୃହରେ ଶୁକ୍ରବାର ଆୟୋଜିତ ଏକ କର୍ମଶାଳାରେ ଯୋଗଦେଇ ଗର୍ଭବସ୍ଥାରୁ ଶିଶୁ, କିଶୋର ଓ ଯୁବ ଅବସ୍ଥା ପର୍ଯ୍ୟନ୍ତ ଜୀବନଚକ୍ରକୁ ନେଇ ବିସ୍ତୃତ ଭାବେ ବୁଝାଇଥିଲେ । ବିଶେଷକରି କିଶୋରୀ ଅବସ୍ଥାରେ ଅପପୁଷ୍ଟି ଯୋଗୁ ଗର୍ଭବସ୍ଥାରେ ମହିଳା ରକ୍ତହୀନତାର ଶିକାର ହୁଅନ୍ତି। ଶିଶୁ ଜନ୍ମ ହେବା ବେଳକୁ ଅପପୁଷ୍ଟି ଓଜନ କମ୍ ହୋଇ ଦୁର୍ବଳ ଶିଶୁର ଜନ୍ମ ନେଇଥାଏ। ଏହା ପରେ କିଶୋର ଅବସ୍ଥାରେ ମଧ୍ୟ ଯତ୍ନ ନ ନେବା ଫଳରେ ଯୁବାବସ୍ଥା ବେଳକୁ ଦୁର୍ବଳ ହୋଇଯାଆନ୍ତି। ତେଣୁ ଅଙ୍ଗନୱାଡି କେନ୍ଦ୍ରରେ ଶିଶୁଙ୍କ ଓଜନ, ବୟସ ଅନୁଯାୟୀ ଉଚ୍ଚତା ଓ ଭରପୂର ପୋଷଣ ପ୍ରତି ଅଧିକ ଗୁରୁତ୍ୱ ଦେବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି । ସ୍ୱାସ୍ଥ୍ୟ ଓ ମହିଳା ଶିଶୁ ବିଭାଗ ସମନ୍ୱୟରେ କାର୍ଯ୍ୟ କରିବାକୁ ସେ କହିଛନ୍ତି। ପ୍ରତିବର୍ଷ ୨ ପ୍ରତିଶତ ଅପପୁଷ୍ଟି ରୋକିବାକୁ ଉଦ୍ୟମ କରାଯାଉଛି ବୋଲି ସେ କହିଛନ୍ତି । ଆଗାମୀ ଦିନରେ ଓଡ଼ିଶା ପୁଷ୍ଟି ମିଶନରେ ନବରଙ୍ଗପୁର ଜିଲାକୁ ସାମିଲ କରାଯିବ ବୋଲି କହିଛନ୍ତି । ଏହି କର୍ମଶାଳାରେ ନବରଙ୍ଗପୁର ଜିଲାପାଳ ଡ.ମହେଶ୍ୱର ସ୍ୱାଇଁ, ଏସ୍‌ପି ସନ୍ଦୀପ ସମ୍ପଦ, ଅତିରିକ୍ତ ଜିଲାପାଳ ତପନ କୁମାର ଖୁଣ୍ଟିଆ, ଜିଲା ସମାଜ କଲ୍ୟାଣ ଅଧିକାରୀ ଦ୍ରୌପଦୀ କହଁରଙ୍କ ସମେତ ବିଭାଗର କ୍ଷେତ୍ର କର୍ମଚାରୀ ଯୋଗଦେଇଥିଲେ ।

# ଶର୍ମିଷ୍ଠା ଦେଓ ରାଜ୍ୟ ମହିଳା ମୋର୍ଚ୍ଚା ଉପସଭାନେତ୍ରୀ

ନବରଙ୍ଗପୁର,୨୦।୩
(ସଦାଶିବ ପ୍ରହରାଜ)



ଶର୍ମିଷ୍ଠା ଦେଓ

ଭାରତୀୟ ଜନତା ପାର୍ଟି ଓଡ଼ିଶା ପକ୍ଷରୁ ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ଐଶ୍ୱର୍ଯ୍ୟା ବିଶ୍ୱାଳ ମହିଳା ମୋର୍ଚ୍ଚାର ରାଜ୍ୟ ପଦାଧିକାରୀ ଘୋଷଣା କରିଛନ୍ତି । ଏହି ମର୍ମରେ ନବରଙ୍ଗପୁରର ବିଶିଷ୍ଟ ସାମାଜିକ କର୍ମୀ ତଥା ନବରଙ୍ଗପୁର କାଉନ୍‌ସିଲର ଶର୍ମିଷ୍ଠା ଦେଓଙ୍କୁ ରାଜ୍ୟ ମହିଳା ମୋର୍ଚ୍ଚାର ଉପସଭାନେତ୍ରୀ ଭାବେ ଦାୟିତ୍ୱ ଅର୍ପଣ କରାଯାଇଛି । ଭାଜପା ପକ୍ଷରୁ ତାଙ୍କୁ ଏପରି ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦିଆଯାଇଥିବାରୁ ଦେଓ ଖୁସି ପ୍ରକଟ କରିବା ସହ ରାଜ୍ୟ ସରକାର, ମୁଖ୍ୟମନ୍ତ୍ରୀ ମୋହନ ମାଝୀ, ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ , ଭାଜପା ଜିଲା ସଭାପତି କୁଞ୍ଜବିହାରୀ ଦାସ, କ୍ୟାବିନେଟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ, ଝରିଗାଁ ବିଧାୟକ ନରସିଂହ ଭତରାଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଭାଜପାର ଜଣେ ନିଷ୍ଠାପର କର୍ମକର୍ତ୍ତା ଭାବେ ସେ ସର୍ବଦା ଦଳର ସେବା କରିବେ ବୋଲି ନିଜ ପ୍ରତିକ୍ରିୟାରେ କହିଛନ୍ତି । ତାଙ୍କର ଏହି ଉପଲବ୍ଧି ସେ ତାଙ୍କର ପରିବାରବର୍ଗ, ବନ୍ଧୁବାନ୍ଧବ ଏବଂ ଶୁଭ ଚିନ୍ତକଙ୍କୁ ଅର୍ପଣ କରିଛନ୍ତି ।

# ପାପଡ଼ାହାଣ୍ଡି ଗ୍ରାମ୍ୟ ନାଗରିକ କମିଟି ବୈଠକ



ବୈଠକରେ ଗ୍ରାମ୍ୟ ନାଗରିକ କମିଟି କର୍ମକର୍ତ୍ତା ଓ ଗ୍ରାମବାସୀ ଆଲୋଚନା କରୁଛନ୍ତି।

ପାପଡାହାଣ୍ଡି, ୨୦।୩ (ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ନୀଳକଣ୍ଠେଶ୍ୱର ମନ୍ଦିର ପରିସରରେ ଗ୍ରାମ୍ୟ ନାଗରିକ କମିଟିର ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଗ୍ରାମ୍ୟ ନାଗରିକ କମିଟି ସଭାପତି ବି. ଜଗନ ମୋହନ ରାଓଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ କାର୍ଯ୍ୟକାରୀ ସଭାପତି ଶିବପ୍ରସାଦ ଅଗ୍ରୱାଲ, ଉପସଭାପତି ଜି. ଅନନ୍ତମୂର୍ତ୍ତି, ତ୍ରିନାଥ ପ୍ରଧାନ ଓ ରମେଶ ସତ୍‌ନାମୀ, ସମ୍ପାଦକ ଏନ୍. ଜନାର୍ଦ୍ଦନ ରାଓ, ସହସମ୍ପାଧକ ନୀଳକଣ୍ଠ ତ୍ରିପାଠୀ ଉପସ୍ଥିତ ଥିଲେ । ବୈଠକରେ ନୂତନ ଭାବେ ନିର୍ମାଣ ହେବାକୁ ଥିବା ଜାତୀୟ ରାଜପଥ -୨୬ର ଦୁଇ ପାର୍ଶ୍ୱରେ ୩୩ ଫୁଟ ଓସାର ପାଇଁ ତହସିଲ କାର୍ଯ୍ୟାଳୟ ତରଫରୁ ଜମି ଚିହ୍ନଟ କରାଯାଇଥିବାରୁ ଦୋକାନ ବଜାର ଉଚ୍ଛେଦ ହେବା ନେଇ ଗ୍ରାମବାସୀ ଭୟଭୀତ ଅବସ୍ଥାରେ ରହିଛନ୍ତି । ୧୫୦ରୁ ଊର୍ଦ୍ଧ୍ୱ ବ୍ୟବସାୟୀ ନିଜ ବ୍ୟବସାୟ ହରାଇବା ସହ ପରିବାର ପ୍ରତିପୋଷଣକୁ ନେଇ ଚିନ୍ତାରେ ପଡ଼ିଛନ୍ତି। ବାଇପାସ୍ ରାସ୍ତା ନିର୍ମାଣ ପାଇଁ ପୂର୍ବରୁ ଗ୍ରାମବାସୀ ସଡ଼କ ପରିବହନ ମନ୍ତ୍ରୀ ନୀତିନ୍ ଗଡକାରୀ, ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝୀ, ଜିଲାପାଳ ଓ ତହସିଲଦାରଙ୍କୁ ଲିଖିତ ଭାବେ ଜଣାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କୌଣସି ସୁଫଳ ମିଳି ନ ଥିବାରୁ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏ ନେଇ ଗ୍ରାମବାସୀ ଏମ୍‌ପି ବଳଭଦ୍ର ମାଝୀଙ୍କୁ ଯୋଗାଯୋଗ କରିବାରୁ ସେ ସୋମବାର ଗ୍ରାମ୍ୟ କମିଟି ସହ ଆଲୋଚନା କରିବା ପାଇଁ ସମୟ ଦେଇଛନ୍ତି ବୋଲି କହିଥିଲେ। ତେବେ ବୈଠକରେ ଗ୍ରାମର ଅନେକ ସମସ୍ୟା ନେଇ ଆଲୋଚନା ହୋଇଥିଲା। ବୈଠକରେ ଶଶୀ ମୋହନ ଶର୍ମା, ମନୋଜ ଅଗ୍ରୱାଲ, ହରି ପାଣିଗ୍ରାହୀ, ଗଙ୍ଗା ନାୟକ, ପ୍ରଫୁଲ୍ଲ ବିଷୋୟୀ, ତରଣୀ କଶ୍ୟପ, ଶ୍ରୀନିବାସ ରାଓ ଓ ଗ୍ରାମବାସୀ ଉପସ୍ଥିତ ରହିଥିଲେ।

# ଏମ୍‌ପିଙ୍କ ସହ ଜିଲାସ୍ତରୀୟ ଅଧିକାରୀ ଖାଇଲେ ପଖାଳ

ନବରଙ୍ଗପୁର,୨୦।୩(ସଦାଶିବ ପ୍ରହରାଜ)



ଏମ୍‌ପି ବଳଭଦ୍ର ମାଝୀ, ତାଙ୍କ ସ୍ତ୍ରୀ ଓ ଜିଲାସ୍ତରୀୟ ଅଧିକାରୀମାନେ ପଖାଳ ଖାଉଛନ୍ତି।

ଓଡ଼ିଆ ସଂସ୍କୃତି ଓ ପାରମ୍ପରିକ ଖାଦ୍ୟର ଅବିଚ୍ଛିନ୍ନ ଅଂଶ ପଖାଳ। ଏହି ପଖାଳକୁ ନେଇ ଆଜି ପାଳନ ହୋଇଛି ପଖାଳ ଦିବସ। ଏହା କେବଳ ଏକ ଖାଦ୍ୟ ନୁହେଁ, ବରଂ ଓଡ଼ିଆ ପରମ୍ପରା ଓ ଜୀବନଶୈଳୀର ଏକ ପରିଚୟ ଭାବେ ପରିଚିତ । ଏହି ଅବସରରେ ନବରଙ୍ଗପୁର ଜିଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ଜିଲା ପରିଷଦ ବୈଠକ ଗୃହରେ ଶୁକ୍ରବାର ପଖାଳ ଦିବସ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝୀ ଓ ତାଙ୍କ ସ୍ତ୍ରୀଙ୍କ ସମେତ ଜିଲାସ୍ତରୀୟ ପ୍ରଶାସନିକ ଅଧିକାରୀମାନେ ଏକାଠି ବସି ପଖାଳ ଖାଇଥିଲେ। ନବରଙ୍ଗପୁରରୁ ଏହିପରି ପଖାଳ ଦିବସ ଆୟୋଜନ ଓଡ଼ିଆ ପରମ୍ପରାକୁ ମଜଭୁତ କରିବା ସହ ନୂତନ ପିଢ଼ିଙ୍କୁ ଏହା ସହ ଜଡ଼ି ରହିବାର ଏକ ସୁଯୋଗ ଦେଇଛି।

# ଚାଲିଗଲା ଛାତ୍ରୀଙ୍କ ଜୀବନ

### ୨ ବାଇକ୍ ଧକ୍କାରେ ୩ ଗୁରୁତର

ହିଞ୍ଜିଳିକାଟୁ,୨୦।୩(ଦ୍ୱିତୀକୃଷ୍ଣ ପଣ୍ଡା)

ହିଞ୍ଜିଳି ଥାନା ପିତଳ ଛକରେ ଶୁକ୍ରବାର ବାଇକ୍ ପଛକୁ ଅନ୍ୟ ଏକ୍ ବାଇକ ଧକ୍କା ଦେଇ ମାଡ଼ିଯିବାରୁ ରାସ୍ତା କଡ଼ରେ ଠିଆ ହୋଇଥିବା ଜଣେ କଲେଜ ଛାତ୍ରୀଙ୍କ ମୃତ୍ୟୁ ଘଟିଛି। ୨ ବାଇକ୍‌ର ୩ ଜଣ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ମୃତା ଛାତ୍ରୀ ହେଲେ ପିତଳ ଗାଁର ବର୍ଷା ପ୍ରଧାନ (୧୮)। ବାଇକ୍ ଆରୋହୀ କବିସୂର୍ଯ୍ୟନଗର ଥାନା ଗାଗନାପୁର ଗ୍ରାମର ଯୋଗେନ୍ଦ୍ର ପାତ୍ର (୨୮), ଶେରଗଡ ଥାନା କୁରୁଳା ଗ୍ରାମର ଧର୍ମେନ୍ଦ୍ର ବେହେରା (୩୩) ଓ ଖଲ୍ଲିକୋଟ ଥାନା ନାଇକାଣିପଲ୍ଲୀ ଗ୍ରାମର ଶିବାନନ୍ଦ ମହାରଣା (୨୪) ଗୁରୁତର ଆହତ ହୋଇଥିବାରୁ ବ୍ରହ୍ମପୁର ବଡ଼ ମେଡିକାଲ ସ୍ଥାନାନ୍ତର ହୋଇଛନ୍ତି।

ପ୍ରକାଶ ଯେ, ଯୋଗିନ୍ଦ୍ର ଓ ଧର୍ମେନ୍ଦ୍ର ଏକ ବାଇକରେ ଗାଗନାପୁରରୁ ବ୍ରହ୍ମପୁର ଅଭିମୁଖେ ଯାଉଥିଲେ। ହିଞ୍ଜିଳି ଥାନା ପିତଳ ଛକ ନିକଟରେ ଉଭୟେ ଜଳଖିଆ ଖାଇ ସାରିବା ପରେ ଯିବାକୁ ଗାଡି ଷ୍ଟାର୍ଟ କରୁଥିବା ବେଳେ ପଛରୁ ବାଇକ୍‌ରେ ଆସୁଥିବା ଶିବାନନ୍ଦ କୌଣସି କାରଣରୁ ଭାରସାମ୍ୟ ହରାଇ ସେମାନଙ୍କ ସହ ଧକ୍କା ହୋଇଥିଲେ। ୨ ବାଇକ୍ ଧକ୍କା ହେବାପରେ ଗୋଟିଏ ବାଇକ୍ ରାସ୍ତା ପାର୍ଶ୍ୱରେ ଗାଡ଼ିକୁ ଅପେକ୍ଷା କରିଥିବା ଛାତ୍ରୀ ବର୍ଷାଙ୍କୁ ଧକ୍କା ଦେଇଥିଲେ। ଏହି ଦୁର୍ଘଟଣାରେ ଛାତ୍ରୀ ଓ ବାଇକ୍ ଆରୋହୀମାନେ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ସମସ୍ତଙ୍କୁ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବର୍ଷାଙ୍କ ମୃତ୍ୟୁ ଘଟିଛି। ହିଞ୍ଜିଳି ପୋଲିସ ଦୁର୍ଘଟଣାଗ୍ରସ୍ତ ବାଇକ ୨ଟିକୁ ଜବତ କରିବା ସହ ଘଟଣାର ତଦନ୍ତ ଚଳାଇଛି।

# ଠିକାଦାରଙ୍କୁ ବ୍ଲାକ୍‌ଲିଷ୍ଟ କରିବାକୁ ବିଧାୟକଙ୍କ ଦାବି

ନବରଙ୍ଗପୁର,୨୦।୩(ସଦାଶିବ ପ୍ରହରାଜ)

ନିଜକୁ କାମ ନ ମିଳିବାରୁ ଠିକାଦାର ରାଜ୍ କନ୍‌ଷ୍ଟ୍ରକ୍ସନ କୋର୍ଟର ଆଶ୍ରୟ ନେଇଛନ୍ତି। ଏହାଦ୍ୱାରା ୨୦୨୩ ରୁ ଟେଣ୍ଡର ହୋଇଥିବା ୨୮ କି.ମି. ରାସ୍ତା ନିର୍ମାଣ ହୋଇପାରି ନ ପାରି ଶୋଚନୀୟ ଅବସ୍ଥାରେ ରହିଛି। ତେଣୁ ଉକ୍ତ ଠିକାଦାରଙ୍କୁ ବ୍ଲାକ୍‌ଲିଷ୍ଟ କରାଯିବାକୁ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ବିଧାନସଭାରେ ପ୍ରଶ୍ନକାଳରେ କଥା ଉଠାଇଛନ୍ତି ।



ବିଧାୟକ ଗୌରୀ ଶଙ୍କର ମାଝୀ ବିଧାନସଭାରେ ପ୍ରଶ୍ନ କରୁଛନ୍ତି।

ସୂଚନାଥାଉକି, ପୂଜାରୀଗୁଡ଼ାଠାରୁ ମଇଦଲପୁର ୨୮ କି.ମି.ରାସ୍ତା ଗ୍ରାମ୍ୟ ନିର୍ମାଣ ବିଭାଗ ଅଧୀନରେ ରହିଥିଲା। ରାସ୍ତା ଓ ଗୃହ ନିର୍ମାଣ ବିଭାଗ ଏହାର ପ୍ରଶସ୍ତିକରଣ କରି ରାସ୍ତା ନିର୍ମାଣ କରିବ। କିନ୍ତୁ ସମ୍ପୃକ୍ତ ଠିକାଦାର କୋର୍ଟର ଆଶ୍ରୟ ନେଇଥିବାରୁ ୨୦୨୩ରୁ କାର୍ଯ୍ୟ ବନ୍ଦ ରହିଛି। ରାସ୍ତା ଅବସ୍ଥା ଶୋଚନୀୟ ଯୋଗୁ ବିଭିନ୍ନ ସମୟରେ ଛୋଟବଡ଼ ଦୁର୍ଘଟଣା ଘଟୁଛି । ଏହି ରାସ୍ତାରେ କିଛି ଦିନ ତଳେ ଦୁର୍ଘଟଣା ଘଟି ମାଆ ଓ ଶିଶୁଙ୍କ ମୃତ୍ୟୁ ଘଟିଛି । ଠିକାଦାରଙ୍କୁ ଡାକି ଜିଲାପାଳ ମଧ୍ୟ କୋର୍ଟ ମାମଲା ଉଠାଇ ଦେବାକୁ କହିଥିଲେ ମଧ୍ୟ ଠିକାଦାର କଥା ଶୁଣୁ ନାହାନ୍ତି । ଏଭଳି ଠିକାଦାରଙ୍କୁ ବ୍ଲାକଲିଷ୍ଟ କରିବା ସହିତ ରାସ୍ତା କାମ କିଭଳି କରାଯିବ ସେ ନେଇ ବିଧାୟକ ଦାବି କରିଛନ୍ତି ।

# ଅଟୋ ଓଲଟିବାରୁ ୧୦ ଗୁରୁତର

ପାପଡାହାଣ୍ଡି, ୨୦।୩ (ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ଜଟାବାଲ ପଞ୍ଚାୟତ ଜାମଗୁଡା ନିକଟରେ ଶୁକ୍ରବାର ଅପରାହ୍ନରେ ଏକ ଅଟୋ ଭାରସାମ୍ୟ ହରାଇ ଓଲଟି ପଡ଼ିବାରୁ ୧୦ ଜଣ ଗୁରୁତର ହୋଇଛନ୍ତି । ସମସ୍ତଙ୍କୁ ଉଦ୍ଧାର କରାଯାଇ ପାପଡାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

ସୂଚନା ଅନୁଯାୟୀ, ପାପଡାହାଣ୍ଡି ବ୍ଲକ ନାକଟିଗୁଡା ଗ୍ରାମର ମହିଳା, ପୁରୁଷ ଓ ଶିଶୁଙ୍କୁ ମିଶାଇ ମୋଟ ୧୫ ଜଣରୁ ଊର୍ଦ୍ଧ୍ୱ ଏକ ଅଟୋ ଯୋଗେ ବିବାହ କାର୍ଯ୍ୟକ୍ରମରେ ଯୋଗ ଦେବା ପାଇ ବ୍ଲକର ପାତ୍ରୀ ପଞ୍ଚାୟତ ଭଟ୍ଟାଧନସୁଲି ଗ୍ରାମକୁ ଯାଇଥିଲେ। ବିବାହ କାର୍ଯ୍ୟକ୍ରମରେ ଯୋଗଦେବା ପରେ କୌଣସି କାମରେ ଉକ୍ତ ଅଟୋ ଯୋଗ ଜଟାବାଲ ଗ୍ରାମକୁ ଯାଇଥିଲେ। କାମ ସାରି ନିଜ ଗ୍ରାମକୁ ଫେରିବା ସମୟରେ ଭାରସାମ୍ୟ ହରାଇ ଜାମଗୁଡା ନିକଟରେ ଅଟୋ ଓଲୋଟି ପଡବାରୁ ସେଥିରେ ଥିବା ସମସ୍ତ ଯାତ୍ରୀ ରାସ୍ତା କଡ଼ରେ ପଡିଥିଲେ। ସେହି ରାସ୍ତା ଦେଇ ଯାଉଥିବା ପୂର୍ବତନ ବ୍ଲକ ଅଧ୍ୟକ୍ଷ ଲିଙ୍ଗରାଜ ଭତରା ଓ ଗ୍ରାମବାସୀ ସମସ୍ତଙ୍କୁ ଉଦ୍ଧାର କରିଥିଲେ। ଲିଙ୍ଗରାଜ ଭତରା ତାଙ୍କ ବୋଲେରୋ ଯୋଗେ ୪ ଜଣ ଗୁରୁତରଙ୍କୁ ଓ ୧୦୮ ଆମ୍ବୁଲାନ୍ସ ଯୋଗେ ୬ ଜଣଙ୍କୁ ଆଣି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି।

# ରାସ୍ତା ଦବିବା ସହ ଉଠିଯାଇଛି କଂକ୍ରିଟ

କୋରୁକୋଣ୍ଡା,୨୦।୩(ଶିବଦତ୍ତ ସାହୁ)



ମାଲକାନଗିରି ଜିଲା ବାଲିମେଳା ସହରର ଗୋପବନ୍ଧୁ ଛକରୁ ମନ୍ତ୍ରୀ ଛକ ତଥା କଲ୍ୟାଣମଣ୍ଡପ ସମ୍ମୁଖ ମୁଖ୍ୟ ରାସ୍ତା ମରଣଯନ୍ତା ପାଲଟିବା ସହ ଏହାର ଉଭୟ ପାର୍ଶ୍ୱ ଦବିବା ସହ ବିଭିନ୍ନ ସ୍ଥାନରେ କଂକ୍ରିଟ ବାହାରି ଯାଇଛି। କେତେକ ସ୍ଥାନରେ ବଡ ଗର୍ତ୍ତ ସୃଷ୍ଟି ହୋଇଛି। ସହରର ଏହି ରାସ୍ତାରେ ବିପଦସଂକୁଳ ଅବସ୍ଥାରେ ଦୈନିକ ଯାତ୍ରୀବାହୀ ବସ, ଟ୍ରକ ଯାତାୟତ କରୁଛି। ଛୋଟ ବଡ ଦୁର୍ଘଟଣା ହେଉଥିବା ଦେଖିବାକୁ ମିଳୁଛି। ସହରବାସୀ ଓ ବିଭିନ୍ନ ପଞ୍ଚାୟତର ଲୋକେ ବାଲିମେଳାକୁ ଯାତାୟାତ କରନ୍ତି। ରାସ୍ତାର ମରାମତି ନେଇ ସହରର ଜନ ପ୍ରତିନିଧି ଓ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲେ ସୁଦ୍ଧା ପୂର୍ତ୍ତ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହୋଇଛି। ଏ ନେଇ ପୂର୍ତ୍ତ ବିଭାଗର କନିଷ୍ଠଯନ୍ତ୍ରୀ ମହାଦେବ କୁମ୍ଭାରଙ୍କୁ ପଚାରିବାରୁ ଭାଙ୍ଗିଥିବା ଡ୍ରେନକୁ କିଛି ଦିନ ତଳେ ନିର୍ମାଣ କରାଯାଇଛି। ରାସ୍ତାର ଉଭୟ ପାର୍ଶ୍ୱ ନିର୍ମାଣ କାର୍ଯ୍ୟ ବିଭାଗ କରିବ ନାହିଁ। ବିଭାଗ ପକ୍ଷରୁ ବାଲିମେଳା ଏନଏସିକୁ କାମ କରିବାକୁ ଦାୟିତ୍ୱ ହସ୍ତାନ୍ତର କରାଯିବା ସହ ଚିଠି ପ୍ରଦାନ କରାଯାଇଥିବା ସେ କହିଛନ୍ତି।

# ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ, ଜୟ ଶ୍ରୀରାମ ଧ୍ୱନିରେ କମ୍ପିଲା ସହର

ଉମରକୋଟ,୨୦।୩
(ସନ୍ତୋଷ ସତପଥୀ)

ନବରଙ୍ଗପୁର ଜିଲା ଉମରକୋଟଠାରେ ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ପାଳିତ ହୋଇଯାଇଛି। ଏହି ଅବସରରେ ଜଗନ୍ନାଥ ମନ୍ଦିରଠାରୁ ବିଶାଳ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ଡିଏନ୍‌କେସ୍ଥିତ ଖେଳ ପଡ଼ିଆ ଯାଏଁ ଯାଇଥିଲେ। ଶୋଭାଯାତ୍ରାରେ ବିଶ୍ୱହିନ୍ଦୁ ପରିଷଦ, ବଜରଙ୍ଗ ଦଳ, ଦୁର୍ଗା ବାହିନୀ, ହିନ୍ଦୁ ସୁରକ୍ଷା ବାହିନୀର ଶତାଧିକ ସଦସ୍ୟଙ୍କ ସହ ବିଭିନ୍ନ ହିନ୍ଦୁ ସଂଗଠନ କର୍ମକର୍ତ୍ତା ପ୍ରାୟ ୫ ହଜାରରୁ ଊର୍ଦ୍ଧ୍ୱ ଲୋକ ଯୋଗଦେଇଥିଲେ। ଏହି ସମୟରେ ଜୟ ଶ୍ରୀରାମ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ସହର। ଅନ୍ୟପଟେ ଏହି କାର୍ଯ୍ୟକ୍ରମରେ କୋଟପାଡ଼ରୁ ଆସିଥିବା କଳାକାରମାନେ ରାମ, ଲକ୍ଷ୍ମଣ, ସୀତା, ହନୁମାନ, ରାବଣ, ଜଟାୟୁଙ୍କ ବେଶ ଧାରଣକରି ଲୋକଙ୍କ ମନୋରଞ୍ଜନ କରିଥିଲେ। ଏହା ଦେଖିବାକୁ ଲୋକଙ୍କ ଭିଡ଼ ଜମିଥିଲା। ରାସ୍ତାରେ ପଡୁଥିବା ବିଭିନ୍ନ ଛକରେ ଧୂପ ଦୀପ ଲଗାଇ ଶୋଭାଯାତ୍ରାକୁ ସ୍ୱାଗତ ଜଣାଇଥିଲେ। ନବବର୍ଷ ଅବସରରେ ଡିଏନ୍‌କେ ମିନି ଷ୍ଟାଡିୟମଠାରେ ୫ହଜାର ଲୋକଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଶୋଭାଯାତ୍ରାରେ ଦଳମତ ନିର୍ବିଶେଷରେ ବିଭିନ୍ନ ରାଜନୈତିକ ଦଳର ନେତା ଏବଂ ଉମରକୋଟ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସହ ଶତାଧିକ ସାଧାରଣ ଯୋଗ ଦେଇଥିଲେ।



ହନୁମାନ, ରାମ, ଲକ୍ଷ୍ମଣ ଓ ସୀତାଙ୍କ ବେଶରେ ସଜ୍ଜିତ ଯୁବକ ।

# ୭ ଦଫା ଦାବି ନେଇ ବିଡିଓଙ୍କୁ ଘେରିଲା ବ୍ଲକ୍ ବିଜେଡି

ତେନ୍ତୁଲିଖୁଣ୍ଟି,୨୦।୩ (ଚିଦାନନ୍ଦ ସାହୁ)



ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ବିଜେଡି କର୍ତ୍ତୃପକ୍ଷ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

୭ଦଫା ଦାବି ନେଇ ନବରଙ୍ଗପୁର ଜିଲା ବିଜେଡି ମହିଳା ସଭାନେତ୍ରୀ ମଞ୍ଜୁଳା ମାଝିଙ୍କ ନେତୃତ୍ୱରେ ତେନ୍ତୁଳିଖୁଣ୍ଟି ବ୍ଲକ୍ ବିଜୁ ଜନତା ଦଳ ବ୍ଲକ୍ ଅଫିସ୍‌ରେ ବିଡିଓଙ୍କୁ ଘେରାଉ କରିଥିଲା । ଶୁକ୍ରବାର ସକାଳ ୧୦ଟାରେ କୁର୍ମାକୋଟ ଧୋବାତୋଟାଠାରେ ବ୍ଲକ ସଭାପତି ପ୍ରଫୁଲ୍ଲ ନାଗଙ୍କ ଆହ୍ୱାନକ୍ରମେ ବ୍ଲକ୍‌ର ସମସ୍ତ କର୍ମକର୍ତ୍ତା ଓ କର୍ମୀ ଏକାଠି ହୋଇ ବୈଠକକରି ଏକ ଶୋଭାଯାତ୍ରାରେ ବାହାରି ଅପରାହ୍ନ ୧ଟାରେ ବ୍ଲକ୍‌ରେ ପହଞ୍ଚିଥିଲେ । ଏହି ପରିପ୍ରେକ୍ଷୀରେ ସ୍ମାରକପତ୍ର ତେନ୍ତୁଳିଖୁଣ୍ଟି ବିଡିଓ ମନୋଜ କୁମାର ପାଣିଗ୍ରାହୀଙ୍କୁ ପ୍ରଦାନ କରାଯାଇଥିଲା।

ଦାବିପତ୍ରରେ ଉଲ୍ଲେଖ କରାଯାଇଛି, ଦୀର୍ଘଦିନ ହେଲା ସମିତି ବୈଠକ ହୋଇନାହିଁ, ପଞ୍ଚାୟତ ସମିତିର ସମସ୍ତ ପାଣ୍ଠି ନିର୍ବାଚିତ ପ୍ରତିନିଧିଙ୍କ ଅଜାଣତରେ ଖର୍ଚ୍ଚ କରାଯାଉଛି। ଦୀର୍ଘ ମାସ ହେଲା ନୂତନ ଭତ୍ତା ପ୍ରଦାନ କରା ନ ଯିବା, ବିଭିନ୍ନ ଅଞ୍ଚଳର ନଳକୂପ ଅଚଳ, ବିଗତ ଦିନର ଆମ ଓଡ଼ିଶା ନବୀନ ଓଡ଼ିଶା କାମ ସରିଥିଲେ ମଧ୍ୟ ଦେୟ ପ୍ରଦାନ ନ କରିବା, ବିଗତ ଦିନରେ କିଣାଯାଇଥିବା ଖେଳ ସାମଗ୍ରୀ ନିମ୍ନମାନର କିଣି ଟଙ୍କା ଆତ୍ମସାତ କରାଯାଇଥିବା ଅଭିଯୋଗ ରହିଛି। ଯଦି ଶୀଘ୍ର ଏହାର ସମାଧାନ କରା ନ ଯାଏ ତା'ହେଲେ ଆଗାମୀ ଦିନରେ ବ୍ଲକ୍‌କୁ ସମ୍ପୂର୍ଣ୍ଣ ଅଚଳ କରିଦିଆଯିବ ବୋଲି ଚେତାବନୀ ଦେଇଛନ୍ତି । ଏ ସମ୍ପର୍କରେ ବିଡିଓ ପାଣିଗ୍ରାହୀଙ୍କୁ ପଚାରିବାରୁ ସମିତି ବୈଠକ ପାଇଁ ଖୁବ୍‌ଶୀଘ୍ର ତାରିଖ ଧାର୍ଯ୍ୟ କରାଯିବ, ଅନ୍ୟ ସମସ୍ତ ସମସ୍ୟା ଧୀରେ ଧୀରେ ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଦାବିପତ୍ର ପ୍ରଦାନ ସମୟରେ ବିଜୁ ଜନତା ଦଳର ମଞ୍ଜୁଳା ମାଝିଙ୍କ ସହ ବ୍ଲକ ବିଜେଡି ସଭାପତି ପ୍ରଫୁଲ୍ଲ ନାଗ, ଜିଲା ବିଜେଡି ସମ୍ପାଦକ ସୁଧୀର ଖୁରା, ଜିଲା ଛାତ୍ର ବିଜେଡି ସଭାପତି ବାବୁଲା ନାୟକ, ଜିଲା ପରିଷଦ ସଭ୍ୟ ରତିକାନ୍ତ ପଣ୍ଡା, ସରପଞ୍ଚ ଶିବା ପ୍ରଧାନୀ, ଯୁବ ବିଜେଡି ସଭାପତି ସୁରେଶ ନାୟକ, ବାବୁନି ନାୟକଙ୍କ ସହ ବହୁ କର୍ମୀ ଯୋଗଦେଇଥିଲେ ।

# ଜିଲାରେ ମତ୍ସ୍ୟ, ପ୍ରାଣିସମ୍ପଦ ବିକାଶକୁ ଗୁରୁତ୍ୱ

## କୋରାପୁଟରେ ଜିଲା ନୋଡାଲ ସଚିବଙ୍କ ସମୀକ୍ଷା

କୋରାପୁଟ,୨୦।୩
(ଅମିତାଭ ବେହେରା)



ବୈଠକରେ ଉପସ୍ଥିତ ରାଜ୍ୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ସଚିବ ପ୍ରେମଚନ୍ଦ୍ର ଚୌଧୁରୀ ଓ ଅନ୍ୟ ଅଧିକାରୀମାନେ।

ରାଜ୍ୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ସଚିବ ତଥା ଜିଲା ନୋଡାଲ ସଚିବ ପ୍ରେମଚନ୍ଦ୍ର ଚୌଧୁରୀ ଦୁଇଦିନିଆ କୋରାପୁଟ ଗସ୍ତରେ ଆସି ସ୍ଥାନୀୟ ସଦ୍‌ଭାବନା ସଭାଗୃହରେ ଆୟୋଜିତ ସମୀକ୍ଷା ବୈଠକରେ ଯୋଗଦେଇଛନ୍ତି। ଜିଲାରେ ମତ୍ସ୍ୟ ଓ ପଶୁସମ୍ପଦର ବିକାଶ ନେଇ ଗୁରୁତ୍ୱ ଦେଇଛନ୍ତି। ଜିଲାର ଶିକ୍ଷା, ସ୍ୱାସ୍ଥ୍ୟ, ସାମାଜିକ ସୁରକ୍ଷା ବିଭାଗ ଆଦିର ସମୀକ୍ଷା କରିଛନ୍ତି। ନିର୍ମାଣାଧୀନ ମେଗା ପାନୀୟ ଜଳ ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କରି ଜିଲାବାସୀଙ୍କୁ ଆବଶ୍ୟକ ଜଳଯୋଗାଣ ନେଇ ଗୁରୁତ୍ୱ ଦେଇଥିଲେ। ଜିଲାବାସୀଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟ ସେବା, ଛାତ୍ରୀଛାତ୍ରଙ୍କ ଆଧାର ସଂଯୋଗ କାର୍ଯ୍ୟ ଶୀଘ୍ର ସାରିବା, ସାମାଜିକ ସୁରକ୍ଷାରେ ହିତାଧିକାରୀମାନଙ୍କୁ ସହାୟତା ଏବଂ ମତ୍ସ୍ୟ ଓ ପଶୁପାଳନ ପାଇଁ ଆବଶ୍ୟକୀୟ ସୁବିଧା ଯୋଗାଇବା ନେଇ ଆଲୋଚନା କରିଥିଲେ। ଏଥିପାଇଁ ଆବଶ୍ୟକ ଭିତ୍ତିଭୂମି ପ୍ରସ୍ତୁତ କରିବାକୁ ଜିଲାପାଳ,ସମସ୍ତ ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। କୋରାପୁଟ ଆକାଂକ୍ଷୀ ଜିଲା ଓ ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମର ବିଭିନ୍ନ ସୂଚକଗୁଡ଼ିକର ସମୀକ୍ଷା କରିଥିଲେ। ଏଥିସହ ବିଶ୍ୱ ମାଛ ଦଳ ନୋଡାଲ ସଚିବଙ୍କୁ ପିଞ୍ଜରା ମତ୍ସ୍ୟପାଳନ ବ୍ୟବସ୍ଥାର ମୂଲ୍ୟାଙ୍କନ କରିଥିଲେ। ବିଭାଗ ସହ ଜଡିତ ସମସ୍ତ ସମସ୍ୟା ମୁଖ୍ୟ ସଚିବଙ୍କ ସମ୍ମୁଖରେ ମୂଲ୍ୟାଙ୍କନ କରାଯିବ ବୋଲି କହିଛନ୍ତି। ଜିଲାର ବିକାଶ ପାଇଁ ଅତିଶୀଘ୍ର ସମାଧାନ କରାଯିବ ବୋଲି ପ୍ରକାଶ କରିଛନ୍ତି। ଜିଲାପାଳ ମନୋଜ ସତ୍ୟବାନ ମହାଜନ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର, ଅତିରିକ୍ତ ଜିଲାପାଳ ଟାସ୍ମନ କୁମାର ନାୟକ ଓ ଅନ୍ୟ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ ଜିଲା ପଶୁ ସମ୍ପଦ କାର୍ଯ୍ୟାଳୟ ନିକଟ ଏଲ୍‌ଆଇଙ୍କ ପ୍ରଶିକ୍ଷଣ କେନ୍ଦ୍ର ପରିଦର୍ଶନ କରିଛନ୍ତି। ମତ୍ସ୍ୟ ସମବାୟ ସମିତି ୫ ସଭ୍ୟମାନଙ୍କ ସହ ମତ୍ସ୍ୟ ଚାଷ ସମ୍ପର୍କରେ ଆଲୋଚନା କରିଥିଲେ। କୋରାପୁଟ ବ୍ଲକର ଶୁକୁ ବ୍ରିଜ କାର୍ଯ୍ୟ ଅନୁଧ୍ୟାନ କରିବା, ଲାଣ୍ଡିଗୁଡା ଗ୍ରାମରେ ଚାଲିଥିବା ଜଳଯୋଗାଣ ପ୍ରକଳ୍ପ ଓ ସେମିଳିଗୁଡା ବ୍ଲକର ବିଭିନ୍ନ କାର୍ଯ୍ୟ ଅନୁଧ୍ୟାନ କରିଥିଲେ।

## ସଂକ୍ଷେପରେ

### ଦେଶୀ ମଦ ଚାଲାଣ, ଜଣେ ଗିରଫ

ଜୟପୁର,୨୦।୩(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ଅବକାରୀ ଥାନା ପକ୍ଷରୁ ଦେଶୀ ମଦ ଚାଲାଣ ବେଳେ ଚଢ଼ାଇ କରାଯାଇ ଜଣଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ହେଲେ ବଡ ଓଜେଇ ଗ୍ରାମର ଜଗନ୍ନାଥ ନାୟକ। ଏକ ସ୍କୁଟିରେ ମଦ ଜୟପୁର ସହରକୁ ଚାଲାଣ ହେଉଥିବା ବେଳେ ଜୟନଗର ଛକରେ ଚଢ଼ାଉ କରାଯାଇ ୧୦ ଲିଟର ମଦ ଓ ସ୍କୁଟିକୁ ଜବତ କରାଯାଇଛି। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ଥାନା ଓଆଇସି ସୁବ୍ରତ କିଶୋରି ହିରନ ସୂଚନା ଦେଇଛନ୍ତି।

### ଜାତୀୟ ରାଜପଥ ପାଲଟିଛି ମରଣଯନ୍ତା



ସୁନାବେଡା/ସେମିଳିଗୁଡା,୨୦।୩
(କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

କୋରାପୁଟ ଜିଲା ସେମିଳିଗୁଡା ଶୁଣ୍ଡି ପୁଙ୍ଗାର ଗାଁ ଛକରୁ ଇଣ୍ଡିଆନ ଅଏଲ (ଓଆଇଏଲ)ପେଟ୍ରୋଲ ପମ୍ପ ୨୬ ନଂ ଜାତୀୟ ରାଜପଥ ମରଣଯନ୍ତା ପାଲଟିଛି। ଏହି ରାସ୍ତାରୁ ପିଚୁ ଓ ଗୋଡି ଉଠି ଖାଲଖମା ସୃଷ୍ଟି ହୋଇଛି। ଏଥିଯୋଗୁ ଯାତାୟାତରେ ସମସ୍ୟା ହେଉଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ଏହି ରାସ୍ତା ଅଞ୍ଚଳର ଅନେକ ପର୍ଯ୍ୟଟନସ୍ଥଳକୁ ସଂଯୋଗର ଏକ ମାଧ୍ୟମ। ଏହି ରାସ୍ତା ଦେଇ ଶହ ଶହ ଗାଡ଼ି ଯାତାୟାତ କରିବା ସହ ଦୈନିକ ଛୋଟ ବଡ଼ ଦୁର୍ଘଟଣା ଘଟୁଥିବା ନଜିର ରହିଛି। ବିଭାଗ ଓ ରାସ୍ତା ଦେଇ ଯାତାୟାତ କରୁଥିବା ରାଜନେତା ଓ ଅଧିକାରୀଙ୍କ ନଜର ପଡୁ ନ ଥିବା ଅଭିଯୋଗ ହୋଇଛି। ଏଥିପ୍ରତି ସ୍ଥାନୀୟ ପ୍ରଶାସନ ଓ ବିଭାଗୀୟ ଅଧିକାରୀ ତ୍ୱରିତ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି। ଏ ସମ୍ପର୍କରେ ସୁନାବେଡା ଜାତୀୟ ରାଜପଥ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସୌମାର୍ଜିନୀ ସେଠୀଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିବା ବେଳେ ତାଙ୍କର କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

### ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବନ୍ଧୁଗାଁ,୨୦।୩ (ବେଣୁଧର ଲାବାଲା)

କୋରାପୁଟ ଜିଲା ବନ୍ଧୁଗାଁ ବ୍ଲକ କୁମ୍ଭାରୀପୁଟ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ବିଡିଓ ମିନତୀ ଜଗଦେବ, ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ମିଣ୍ୟାକା, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଚନ୍ଦନ କୁମାର ସ୍ୱାଇଁ, ପ୍ରିନ୍ସପାଲ ସରୋଜ କୁମାର ତରାଇ, ପ୍ରଧାନଶିକ୍ଷକ ଲକ୍ଷ୍ମଣ ପାଟଶାଣୀ ପ୍ରମୁଖ ଯୋଗଦେଇଥିଲେ। ପ୍ରଧାନଶିକ୍ଷକ ବାର୍ଷିକ ବିବରଣୀ ପାଠ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥି ପୁରସ୍କୃତ କରିଥିଲେ। ଶିକ୍ଷକ ପ୍ରଦୀପ କୁମାର ପଣ୍ଡା ମଞ୍ଚ ପରିଚାଳନା କରିଥିଲେ।

### ସାହିତ୍ୟ ଏକାଡେମି ପୁରସ୍କାରରେ ସମ୍ମାନିତ ସାଧୁ ଭଦ୍ରେଶ

କୋରାପୁଟ,୨୦।୩
(ଅମିତାଭ ବେହେରା)



ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ (ସିୟୁଓ) ସହ ଜଡ଼ିତ ପ୍ରସିଦ୍ଧ ସଂସ୍କୃତ ବିଦ୍ୱାନ ସାଧୁ ଭଦ୍ରେଶ ଦାସଜୀ ସାହିତ୍ୟ ଏକାଡେମି ପୁରସ୍କାର ୨୦୨୫ ପାଇଥିବାରୁ ତାଙ୍କୁ ସିୟୁଓର ଉପକୁଳପତି ଏନ୍.ସି. ପଣ୍ଡା ଶୁଭେଚ୍ଛା ଜଣାଇଛନ୍ତି। ସ୍ୱାମୀ ଦାସଜୀ ତାଙ୍କ ସଂସ୍କୃତ କବିତା ସଂଗ୍ରହ 'ପ୍ରସ୍ଥାନ ଚତୁଷ୍ଟୟ ବ୍ରହ୍ମଘୋଷ' ପାଇଁ ଏହି ସମ୍ମାନ ପାଇଛନ୍ତି। ସାଧୁ ଭଦ୍ରେଶ ନୂଆଦିଲ୍ଲୀର ସ୍ୱାମୀନାରାୟଣ ଅକ୍ଷରଧାମ ଅବସ୍ଥିତ ସ୍ୱାମୀନାରାୟଣ ଗବେଷଣା ସଂସ୍ଥାନରେ ପ୍ରଫେସର ଭାବେ କାର୍ଯ୍ୟରତ। ସେ କୋରାପୁଟ କ୍ୟାମ୍ପସରେ ଆୟୋଜିତ ଶୋଧ ପ୍ରବିଧି କର୍ମଶାଳାରେ ଯୋଗଦେଇ ବିଶ୍ୱବିଦ୍ୟାଳୟକୁ ଭାରତୀୟ ଦାର୍ଶନିକତା ସମ୍ବନ୍ଧୀୟ ମୂଲ୍ୟବାନ୍ ପୁସ୍ତକ ଦାନ କରିଥିଲେ। ସଂସ୍କୃତ ବିଭାଗର ପତ୍ରିକା 'ଆରଣ୍ୟ ପ୍ରଜ୍ଞାନ' ଉନ୍ମୋଚନ କରିଥିଲେ।

# ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଶ୍ରମିକଙ୍କ ମୃତ୍ୟୁ

ନନ୍ଦପୁର,୨୦।୩(ତୁଷାର କାନ୍ତ ମହାନ୍ତି)

କୋରାପୁଟ ଜିଲା ନନ୍ଦପୁର ବ୍ଲକ ଖୁର୍ଜି ପଞ୍ଚାୟତରେ ଆର୍‌ଡି ବିଭାଗ ଦ୍ୱାରା ନିର୍ମାଣାଧୀନ ସେମେଳା-ଯୋଗୀପୁଟ ପୋଲ ନିର୍ମାଣ କାର୍ଯ୍ୟରେ ନିଯୁକ୍ତ ଶ୍ରମିକଙ୍କ ବିଦ୍ୟୁତ୍ ଆଘାତରେ ଶୁକ୍ରବାର ମୃତ୍ୟୁ ହୋଇଛି। ମୃତକ ହେଲେ ଦଶମନ୍ତପୁର ବ୍ଲକ ଚିକାମପୁଟ ପଞ୍ଚାୟତ ତଳଗଦଲା ଗ୍ରାମର ଶିବ ମୁଦୁଲିଙ୍କ ପୁଅ କାନ୍ତା ମୁଦୁଲି। ପୋଲ ନିକଟରେ ମାପଚୁପ କରୁଥିବା ବେଳେ ଏହା ଉପରେ ଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଶ୍ରମିକ ଆସିଥିଲେ। ତାଙ୍କୁ କାର୍ଯ୍ୟରେ ନିଯୁକ୍ତ ଅନ୍ୟ କର୍ମଚାରୀ ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ନନ୍ଦପୁର ପୋଲିସ ଠିକାଦାର ନାରାୟଣ ବିଶୋଇ, ବିଭାଗୀୟ ଯନ୍ତ୍ରୀ ଓ ମୃତକଙ୍କ ପରିବାର ଲୋକଙ୍କ ସହ ଯୋଗାଯୋଗକରି ଘଟଣାର ତଦନ୍ତ କରୁଥିବା ଥାନାଧିକାରୀ ତ୍ରିନାଥ ତୋଟାପାଡ଼ିଆ ସୂଚନା ଦେଇଛନ୍ତି।

# ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷାଙ୍କ ସଖୀ କେନ୍ଦ୍ର ପରିଦର୍ଶନ



ରାଜ୍ୟ ମହିଳା କମିଶନର ଅଧ୍ୟକ୍ଷା ଶୋଭନା ମହାନ୍ତି ଆଲୋଚନା କରୁଛନ୍ତି ।

କୋରାପୁଟ,୨୦।୩(ଅମିତାଭ ବେହେରା)

ରାଜ୍ୟ ମହିଳା କମିଶନର ଅଧ୍ୟକ୍ଷା ଶୋଭନା ମହାନ୍ତିଙ୍କ ନେତୃତ୍ୱରେ ଏକ ଟିମ୍ କୋରାପୁଟ ସଖୀ ୱାନ ଷ୍ଟପ ସେଣ୍ଟର ଶୁକ୍ରବାର ପରିଦର୍ଶନ କରିଛନ୍ତି। ମହିଳା ଓ ଶିଶୁ ବିକାଶ ବିଭାଗ ଅଧୀନରେ ଚାଲୁଥିବା ଏହି ସଖୀ ୱାନ ଷ୍ଟପ ସେଣ୍ଟର, କୋରାପୁଟ ପିପୁଲ୍ସ ଫୋରମ ଦ୍ୱାରା ପରିଚାଳିତ ହେଉଛି। ଏହି ପରିଦର୍ଶନବେଳେ ରାଜ୍ୟ ମହିଳା ଆୟୋଗ ସଦସ୍ୟା ମୁକ୍ତା ସାହୁ, ପ୍ରତିଭା ଶତପଥୀ, ପ୍ରିୟଦର୍ଶିନୀ ଆଚାର୍ଯ୍ୟ, ବନ୍ଦନା ମହାନ୍ତି, ଜିଲା ସୁରକ୍ଷା ଅଧିକାରୀ ସବିତା ସାମଦାର ସହ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି ସମୟରେ ସଖୀ କେନ୍ଦ୍ରର ବିଭିନ୍ନ ସେବା, ଯଥା ଆଶ୍ରୟ, ଚିକିତ୍ସା, ଆଇନ ସହାୟତା ଓ ମନୋସାମାଜିକ ପରାମର୍ଶ ନେଇ ମୁଖ୍ୟ ପରିଚାଳିକା ଶର୍ମିଷ୍ଠା ଦାଶ ଓ ଅନ୍ୟ କାର୍ଯ୍ୟକର୍ତ୍ତାଙ୍କ ସହ ସମୀକ୍ଷା କରିଥିଲେ। ଏହା ଜିଲାର ପୀଡ଼ିତ ମହିଳାଙ୍କ ପାଇଁ ଏକ ଭରସାଯୋଗ୍ୟ କେନ୍ଦ୍ର ବୋଲି କହିଥିଲେ। ସଖୀ କେନ୍ଦ୍ରର କାଉନସେଲରଙ୍କ ଦ୍ୱାରା ପ୍ରଦାନ ହେଉଥିବା ମନୋସାମାଜିକ ପରାମର୍ଶକୁ ପ୍ରଶଂସା କରିଥିଲେ। କେନ୍ଦ୍ରକୁ ଆହୁରି ସୁଦୃଢ଼ କରିବାକୁ ପରାମର୍ଶ ଦେଇଥିଲେ। ଏଥିରେ ସଖୀ କେନ୍ଦ୍ରର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ରାଜ୍ୟ ମହିଳା ଆୟୋଗଙ୍କ ଜନଶୁଣାଣି: ୫ ମାମଲା ସମାଧାନ




ମହିଳା ଆୟୋଗ ପକ୍ଷରୁ ଜନଶୁଣାଣି କରାଯାଉଛି ।

କୋରାପୁଟ,୨୦।୩ (ଅମିତାଭ ବେହେରା)

କୋରାପୁଟ ସ୍ଥିତ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ରରେ ମହିଳାଙ୍କ ସମସ୍ୟା ସମାଧାନ ପାଇଁ ମହିଳା ଆୟୋଗ ପକ୍ଷରୁ ଶୁକ୍ରବାର ଜନଶୁଣାଣି କାର୍ଯ୍ୟକ୍ରମ ହୋଇଯାଇଛି। ଏଥିରେ କୋରାପୁଟ ଓ ନବରଙ୍ଗପୁର ଜିଲାର ବିଭିନ୍ନ ମାମଲାର ଶୁଣାଣି ହୋଇଛି। କାର୍ଯ୍ୟକ୍ରମରେ ଘରୋଇ ହିଂସା, ଯୌତୁକ ନିର୍ଯାତନା, ବୈବାହିକ ବିବାଦ, କାର୍ଯ୍ୟସ୍ଥଳରେ ଅତ୍ୟାଚାର ଓ ସାଇବର ଅପରାଧ ସମ୍ପର୍କିତ ଅଭିଯୋଗର ଶୁଣାଣି କରାଯାଇଥିଲା। ରାଜ୍ୟ ମହିଳା ଆୟୋଗ ଅଧ୍ୟକ୍ଷା ଶୋଭନା ମହାନ୍ତିଙ୍କ ଅଧ୍ୟକ୍ଷତାରେ ୫ ମାମଲାର ଶୁଣାଣି ହୋଇଥିଲା। ସେଥିରୁ ଗୋଟିଏ ମାମଲାର ସମାଧାନ ହୋଇଛି। ୨ ମାମଲାକୁ ଜିଲା ସୁରକ୍ଷା ଅଧିକାରୀଙ୍କୁ ପଠାଯାଇଛି। ଗୋଟିଏ ବିଚାରାଧୀନ ମାମଲାକୁ ବନ୍ଦ କରିବାକୁ ନିର୍ଦ୍ଦେଶ ମିଳିଥିଲା। ଅନ୍ୟଟିରେ ପୁନଃ ଉପସ୍ଥିତି ପାଇଁ ନୋଟିସ ଜାରି ହୋଇଛି। ଏଥିସହ ୫ ନୂତନ ମାମଲା ମଧ୍ୟ ରୁଜୁ ହୋଇଛି। କାର୍ଯ୍ୟକ୍ରମରେ ଆୟୋଗ ସଦସ୍ୟା ପ୍ରତିଭା ଶତପଥୀ, ମୁକ୍ତା ସାହୁ, ଅତିରିକ୍ତ ଜିଲାପାଳ ତପନ କୁମାର ନାୟକ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅମିତ ମହାନ୍ତି, ଡେପୁଟି କଲେକ୍ଟର ଆକାଂକ୍ଷା ବିଶ୍ୱାଳ, କୋରାପୁଟ ଉପ ଆରକ୍ଷୀ ଅଧୀକ୍ଷିକା ପୁଷ୍ପାଞ୍ଜଳି ନିଙ୍ଗ, ଜିଲା ସମାଜ କଲ୍ୟାଣ ଅଧିକାରୀ ଜ୍ୟୋତ୍ସ୍ନା ପାଢ଼ୀ, ଜିଲା ସୁରକ୍ଷା ଅଧିକାରୀ ସବିତା ସମାଦର ଓ ନବରଙ୍ଗପୁର ଜିଲା ସୁରକ୍ଷା ଅଧିକାରୀ ରମା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ମତ୍ସ୍ୟ, ପ୍ରାଣିସମ୍ପଦ ସଚିବଙ୍କ ସେମିଳିଗୁଡ଼ା ପରିଦର୍ଶନ

ସୁନାବେଡା/ସେମିଳିଗୁଡ଼ା, ୨୦।୩
(କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

ରାଜ୍ୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ସଚିବ ପ୍ରେମଚାନ୍ଦ ଚୌଧୁରୀ ସେମିଳିଗୁଡ଼ା ବ୍ଲକ ଅଞ୍ଚଳ ଶୁକ୍ରବାର ପରିଦର୍ଶନ କରି ରାଜପୁଟ ପଞ୍ଚାୟତ ମିଲେଟ ପ୍ରୋସେସିଂ କେନ୍ଦ୍ର ବୁଲି ଦେଖିଥିଲେ। ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କ ସହ ଆଲୋଚନା କରିବା ସହ ମାଣ୍ଡିଆ ପ୍ରସ୍ତୁତି ସମସ୍ତ ପଦାର୍ଥର ପ୍ରଶଂସା କରିଥିଲେ। ପ୍ରୋସେସିଂ କେନ୍ଦ୍ର ପରିସରରେ ଚାରାରୋପଣ କରିଥିଲେ। ଲୁଙ୍ଗୁରିସ୍ଥିତ ଅଙ୍ଗନୱାଡି କେନ୍ଦ୍ରରେ ପିଲାଙ୍କ ପୋଷଣ ଖାଦ୍ୟର ମାନ ପରଖିଥିଲେ। ପିଲାମାନଙ୍କ ସହ କଥା ହୋଇଥିଲେ। ଏହି ସମୟରେ କୋରାପୁଟ ଜିଲାପାଳ ମନୋଜ ସତ୍ୟବାନ ମହାଜନ, ସିଡିଓ ବେଣୁଧର ଶବର, ସେମିଳିଗୁଡ଼ା ବିଡିଓ ଯସ୍ମିନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଜନଗଣନା ପାଇଁ ପ୍ରଶିକ୍ଷଣ ଶିବିର



ଶିବିରରେ ଜନଗଣନା ନେଇ ପ୍ରଶିକ୍ଷଣ ଦିଆଯାଉଛି।

ନନ୍ଦପୁର,୨୦।୩(ତୁଷାରକାନ୍ତ ମହାନ୍ତି)

କୋରାପୁଟ ଜିଲା ନନ୍ଦପୁର ତହସିଲ ପ୍ରଶାସନ ପକ୍ଷରୁ ନନ୍ଦପୁର ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକ ଅଧୀନ ୨୩ ପଞ୍ଚାୟତରେ ଜନଗଣନା ପାଇଁ ତିନିଦିନିଆ ପ୍ରଶିକ୍ଷଣ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ତହସିଲଦାର ଦେବବ୍ରତ ମହାରଣା ଶୁଭାରମ୍ଭ କରିଛନ୍ତି। ଏଥିରେ ୨୦ ସୁପରଭାଇଜର ଓ ୮୦ ଏନୁମେରେଟରଙ୍କୁ ପ୍ରଶିକ୍ଷକ ପ୍ରଶାନ୍ତ ଖଣ୍ଡପାଣି, ମଣ୍ଟୁ ଦଳେଇ, ଶିବଶକ୍ତି ମିଶ୍ର, ରାମଚନ୍ଦ୍ର ବେହେରା ପ୍ରଶିକ୍ଷଣ ଦେଉଛନ୍ତି। ଡିଜିଟାଲ ତଥା ମୋବାଇଲ ଆପ୍ ମାଧ୍ୟମରେ ପ୍ରଥମଥର ଜନଗଣନା କରାଯିବ। ଗୃହ ଗଣନା ପରେ ଜନଗଣନା କାର୍ଯ୍ୟ କରିବାକୁ ବ୍ଲକ୍‌ର ୩୦୦ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇଛି। ଜନଗଣନା ୨୦୨୭କୁ ତ୍ରୁଟିଶୂନ୍ୟ ଭାବେ ସମ୍ପାଦନ କରିବାକୁ ୩ ପର୍ଯ୍ୟାୟରେ ପ୍ରଶିକ୍ଷଣ ଦିଆଯିବ ବୋଲି ତହସିଲଦାର ମହାରଣା ସୂଚନା ଦେଇଛନ୍ତି।

# ପଖାଳ ଓଡ଼ିଶା ପରମ୍ପରାର ପ୍ରତୀକ

କୋରାପୁଟ,୨୦।୩
(ଅମିତାଭ ବେହେରା)



କାର୍ଯ୍ୟକ୍ରମରେ ଅଧିକାରୀମାନେ ପଖାଳ ଖାଉଛନ୍ତି।

କୋରାପୁଟ ଜିଲା ପରିଷଦ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ପଖାଳ ଦିବସ ଶୁକ୍ରବାର ପାଳିତ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଭାସୀ ମାଧ୍ୟମରେ ପଖାଳର ଗୁଣାବଳୀ ଏବଂ ଓଡ଼ିଆ ସଂସ୍କୃତି ସହ ଏହାର ଅବିଚ୍ଛିନ୍ନ ସମ୍ପର୍କକୁ ବ୍ୟାଖ୍ୟା କରିଥିଲେ। ପ୍ରତିବର୍ଷ ମାର୍ଚ୍ଚ ୨୦ରେ ପାଳିତ ପଖାଳ ଦିବସ ଓଡ଼ିଶାର ଗୌରବମୟ ପରମ୍ପରାର ପ୍ରତୀକ। ଏହା କେବଳ ଖାଦ୍ୟକୁ ଉତ୍ସର୍ଗିତ ଦିବସ ନୁହେଁ ବରଂ ଓଡ଼ିଆ ଜୀବନ ଶୈଳୀ, ସରଳତା ଓ ପ୍ରକୃତିସହ ନିକଟତାକୁ ପ୍ରକାଶ କରେ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଅତିଥିମାନେ ପଖାଳ ଖାଇଥିଲେ। ଏହି ଅବସରରେ ଜିଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା, ଅତିରିକ୍ତ ଜିଲାପାଳ ତପନ କୁମାର ନାୟକ, ଅତିରିକ୍ତ ଆରକ୍ଷୀ ଅଧ୍ୟକ୍ଷକ ମନବ୍ରତା ଶତପଥୀ, ପଦ୍ମଶ୍ରୀ ଗୋବର୍ଦ୍ଧନ ପାନିକା ଓ ମାଣ୍ଡିଆ ରାଣୀ ରାଇମତିଘିଉରିଆ ପ୍ରମୁଖ ଉପସ୍ଥିତ ଥିଲେ।

## ବିଶ୍ୱ ପଖାଳ ଦିବସ

ମାଲକାନଗିରି,୨୦।୩
(ଦୁର୍ଯ୍ୟୋଧନ ପାତ୍ର)

ବିଶ୍ୱ ପଖାଳ ଦିବସରେ ବିଭିନ୍ନ ହୋଟେଲ, ଘରେ ଘରେ ପଖାଳ ସେବନର ମଜା ନେଇଛନ୍ତି ମାଲକାନଗିରି ଜିଲାବାସୀ। ମାଲକାନଗିରି ସହରରେ ପଖାଳ ଭାତ ସହ ଦହି, ବଡ଼ିଚୁରା, ବିଭିନ୍ନ ପନିପରିବାର ଭଜା, ମାଛ ଭଜା, କାକୁଡ଼ି, ସାଗ ଭଜା ଆଦି ପ୍ରସ୍ତୁତ କରି ସମସ୍ତେ ପଖାଳ ଖାଇଥିଲେ। ପିଲାମାନେ ଦୈନିକ ବଜାରରେ ଫାଷ୍ଟ ଫୁଡ୍ ଖାଉଥିବା ବେଳେ ଶୁକ୍ରବାର ପଖାଳ ଖାଇଥିବା ଦେଖିବାକୁ ମିଳିଛି।

# ପ୍ରଧାନମନ୍ତ୍ରୀ ଶ୍ରମଯୋଗୀ ମନଧନ ଯୋଜନା ଶୁଭାରମ୍ଭ

ଜୟପୁର,୨୦।୩(ପବନ ପାଣିଗ୍ରାହୀ)

ଜୟପୁର ପୌର ପରିଷଦ ଦ୍ୱାରା ବାବା ସାହେବ କଲ୍ୟାଣ ମଣ୍ଡପରେ ପ୍ରଧାନମନ୍ତ୍ରୀ ଯୋଜନା ଓ ସହଯୋଗ ଭ୍ରାମ୍ୟମାଣ ସହାୟତା କେନ୍ଦ୍ର ଶୁକ୍ରବାର ଶୁଭାରମ୍ଭ ହୋଇଛି। ପୌର ଅଧ୍ୟକ୍ଷ ନରେନ୍ଦ୍ର କୁମାର ମହାନ୍ତି ଏହାକୁ ଉଦ୍‌ଘାଟନ କରିଥିଲେ। ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ପୂଜା ରାଉତଙ୍କ ସଭାପତିତ୍ୱରେ କାଉନସିଲର ଗୋପିନାଥ ମହାନ୍ତି, ଜସପାଲ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଯୋଜନା ଦ୍ୱାରା ୫୦ ବର୍ଗର ଲୋକଙ୍କୁ ସାମିଜିକ ସୁରକ୍ଷା ପ୍ରଦାନ କରାଯିବ। ଅଣସଂଗଠିତ ଶ୍ରମିକଙ୍କ ବୟସ ସୀମା ୧୮ ବର୍ଷରୁ ୪୦ ବର୍ଷ ମଧ୍ୟରେ ହୋଇଥିବା ଦରକାର, ଶ୍ରମିକଙ୍କ ଆୟ ଅଣ କୁଶଳୀ ଶ୍ରମିକଙ୍କ ପାଇଁ ଧାର୍ଯ୍ୟ ହୋଇଥିବା ଦୈନିକ ସବନିମ୍ନ ମଜୁରୀରୁ କମ୍ ହୋଇଥିବ, ଶ୍ରମିକଙ୍କ ଚାଷ ଜମିର ପରିମାଣ ୫ ଏକରରେ ସୀମିତ ଥିବା ଦରକାର ଆଦି ନିୟମ ରହିଛି। ସରକାରୀ ଯୋଜନା ସହ ସହରାଞ୍ଚଳର ଆର୍ଥିକ ଅନଗ୍ରସରଙ୍କୁ ଯୋଡ଼ିବାର ମାଧ୍ୟମ ହେବା ଭାମ୍ୟମାଣ୍ୟ ସହାୟତା କେନ୍ଦର ଉଦ୍ଦେଶ୍ୟ। ଏହା ରାଶନ କାର୍ଡ, ପାଇପ ଯୋଗେ ଜଳ ଯୋଗାଣ, ଆୟୁଷ୍ମାନ କାର୍ଡ, ସୁଭଦ୍ରା ଯୋଜନା ଆଦି ଯୋଜନାରୁ ବଞ୍ଚିତ ହିତାଧିକାରୀମାନଙ୍କୁ ସହାୟତା କରିବ। ଜୟପୁର ପୌରାଞ୍ଚଳର ୨୮ ୱାର୍ଡରେ କେନ୍ଦ୍ର ୧ ମାସ ଧରି ସେବା ଯୋଗାଇବ। ଯୋଗ୍ୟ ହିତାଧିକାରୀ ଆବେଦନ କରିପାରିବେ। କାର୍ଯକ୍ରମରେ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ପୁଜା ରାଉତ ଉପସ୍ଥିତ ଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

# ବିସ୍ଥାପିତ ପରିଚୟ ଦେବାକୁ ଦାବି

## ବିସ୍ଥାପିତ ପରିଷଦର ପ୍ରଶାସନ ସହ ଆଲୋଚନା

ନନ୍ଦପୁର,୨୦।୩(ତୁଷାର କାନ୍ତ ମହାନ୍ତି)




ବିସ୍ଥାପିତ ପରିଷଦର ସଦସ୍ୟମାନେ ବିଡିଓ ଏବଂ ତହସିଲଦାରଙ୍କ ସହ ଆଲୋଚନା କରୁଛନ୍ତି।

କୋରାପୁଟ ଜିଲା ନନ୍ଦପୁର ବ୍ଲକ୍ କାର୍ଯ୍ୟାଳୟ ପରିସରରେ ବୁଡ଼ି ଅଞ୍ଚଳ ବିସ୍ଥାପିତ ପରିଷଦର ପ୍ରତିନିଧି ଦଳ ସହ ବିଡିଓ ଓ ତହସିଲଦାରଙ୍କ ଆଲୋଚନା ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜୋଲାପୁଟ ଜଳଭଣ୍ଡାର ପାଇଁ ୧୦ ପଞ୍ଚାୟତର ୧୫୬ ଗ୍ରାମବାସୀ ମୋଟ ୧୮୨୦୬ ହେକ୍ଟର ଜମି ଦେଇ ବିସ୍ଥାପିତ ହୋଇଥିବା ବିସ୍ଥାପିତ ପରିଷଦ ପକ୍ଷରୁ କୁହାଯାଇଥିଲା। କିନ୍ତୁ ପ୍ରକଳ୍ପ ନିର୍ମାଣକୁ ୭୨ ବର୍ଷ ହେବାକୁ ଯାଉଥିଲେ ବି ଏଯାଏ ପ୍ରକଳ୍ପ, ବ୍ଲକ୍, ଜିଲା ଓ ରାଜ୍ୟ ସରକାରଙ୍କ ପକ୍ଷରୁ ବିସ୍ଥାପିତ ପରିଚୟ ମିଳି ନ ଥିବା, ୧୦ ପଞ୍ଚାୟତବାସୀ ରାସ୍ତା, ପାଣି, ଶିକ୍ଷା, ସ୍ୱାସ୍ଥ୍ୟ, ବିଦ୍ୟୁତ୍, ଜଳସେଚନ ଆଦି ମୌଳିକ ସୁବିଧାରୁ ବଞ୍ଚିତ ରହିଥିବା କହିଛନ୍ତି। ପଞ୍ଚାୟତବାସୀଙ୍କୁ ଜଳବିଦ୍ୟୁତ୍ ପ୍ରକଳ୍ପରେ ନିଯୁକ୍ତି ମିଳି ନ ଥିବାରୁ ପ୍ରଶାସନ ନିକଟରେ ଦାବି ଉପସ୍ଥାପନକରି ରାଜ୍ୟ ସରକାରଙ୍କ ରାଜସ୍ୱ ଓ ଶକ୍ତିମନ୍ତ୍ରୀଙ୍କ ସହ ଆଲୋଚନା ସହ ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତିଙ୍କ ଦୃଷ୍ଟି ଆକର୍ଷଣ ମଧ୍ୟ କରାଯାଇଛି। କିନ୍ତୁ ବିସ୍ଥାପିତ ପରିଚୟ ଦେଇ ଅଞ୍ଚଳର ବିକାଶ ପାଇଁ କୌଣସି ପଦକ୍ଷେପ ନିଆଯାଇ ନ ଥିବା କୁହାଯାଇଛି। ଏପିଜେନ୍‌କୋ କର୍ତ୍ତୃପକ୍ଷ ବିସ୍ଥାପିତ ଚିହ୍ନଟ ପାଇଁ ଦେଇଥିବା ୨୧ ଜଣିଆ କମିଟିର ବୈଠକ ପ୍ରସ୍ତାବ ଏଯାଏ କାର୍ଯ୍ୟକାରୀ ହୋଇନାହିଁ। ବିଦ୍ୟୁତ୍ ଉତ୍ପାଦନ ପାଇଁ ଜମି ଦେଇ ବର୍ତ୍ତମାନ ବିଦ୍ୟୁତ୍ ବିଭାଗ ଦ୍ୱାରା ଆମେ ନିର୍ଯାତିତ ହେଉଥିବା କହିଛନ୍ତି। ମାସାଧିକ କାଳ ହେବ ୧୦ ପଞ୍ଚାୟତର ଡୁମୁରିପୁଟ, ସୋପୁଟ, ମଦେଇଗୁଡା, ତାଲଗୁଡୁ ଓ ବଣ୍ଡାପୁଟ ଆଦି ୫ ଗ୍ରାମକୁ ଟିପିଏସ୍‌ଓଡିଏଲ୍ କର୍ତ୍ତୃପକ୍ଷ ବିଦ୍ୟୁତ୍ କାଟ କରି ଅନ୍ଧାରରେ ରଖିଥିବା ଅଭିଯୋଗ କରିଥିଲେ। ବିଡିଓ ଦୁର୍ଗାପ୍ରସାଦ ଦୋରା, ତହସିଲଦାର ଦେବବ୍ରତ ମହାରଣା, ନନ୍ଦପୁର ଥାନାଧିକାରୀ ତ୍ରିନାଥ ତୋଟାପାଡ଼ିଆ ବିସ୍ଥାପିତ ପରିଷଦ ସଦସ୍ୟଙ୍କ ଅଭିଯୋଗ ଶୁଣିଥିଲେ। ୫ ଗ୍ରାମରେ ବିଦ୍ୟୁତ୍ ସଂଯୋଗ କରିବା, ୧୫ ଦିନ ମଧ୍ୟରେ ଜିଲା ଲ୍ୟାଣ୍ଡ ଆକ୍ୟୁଜେଶନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ବିସ୍ଥାପିତ ଗ୍ରାମ, ଅଧିକୃତ ଜମି ଓ ବିସ୍ଥାପନ ଜୀବନ ଅତିବାହିତ କରୁଥିବା ପରିବାରର ସ୍ଥିତି କାଢ଼ିବା, ଜିଲାପାଳଙ୍କ ନିକଟରେ ସମସ୍ତ ନଥିପତ୍ର ଉପସ୍ଥାପନ କରି ୧୦ ପଞ୍ଚାୟତବାସୀଙ୍କୁ ବିସ୍ଥାପିତ ପରିଚୟ ଓ ଉନ୍ନୟନମୂଳକ କାର୍ଯ୍ୟ କରିବାକୁ ପାଣ୍ଠି ବରାଦ ନେଇ ଅନୁରୋଧ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ସମୟରେ ବିସ୍ଥାପିତ ପରିଷଦ ସଭାପତି ଏମ୍.ଏସ୍. ଖିଲ (ଆକାଶ) ଉପସଭାପତି ହରି ହନ୍ତାଳ, ସମ୍ପାଦକ ଜୟରାମ ପାରିଆ, ନନ୍ଦ ପୂଜାରୀ, ମୁକୁନ୍ଦ ଘାଗଡ଼ଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ସଦସ୍ୟ ସାମିଲ ରହିଥିଲେ। ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।

